ବର୍ଷ-୯
ସଂଖ୍ୟା-୧୯୨
ତା-୦୩ ସେପ୍ଟେମ୍ବର ୨୦୨୨
ଶନିବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-192
Date:03, September 2022
Saturday, Page-8, Rs-2/-
POSTAL Regd.No.10120(K)/17/2018-21



କଲେଜ ସ୍ତରରୁ ସୃଷ୍ଟି ହେବେ ହକି ଖେଳାଳି



ତିସ୍ତା ଶୀତଲବାଡ଼କୁ ସୁପ୍ରିମକୋର୍ଟରୁ ମିଳିଲା ଆଶ୍ୱସ୍ତି

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ନୌସେନାକୁ 'ଆଇଏନଏସ ବିକ୍ରାନ୍ତ' ହସ୍ତାନ୍ତର କଲେ ମୋଦୀ




ନୂଆଦିଲ୍ଲୀ , ୦୨ /୯: ପ୍ରଧାନମନ୍ତ୍ରୀ ଆଜି ଦେଶର ପ୍ରଥମ ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିଅର ଆଇଏନଏସ ବିକ୍ରାନ୍ତକୁ ରାଷ୍ଟ୍ର ସେବାରେ ସମର୍ପିତ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପନିବେଶବାଦ କାଳର ନୌସେନା ପତାକା ବଦଳରେ ଭାରତୀୟ ସାମୁଦ୍ରିକ ଐତିହ୍ୟ ଦ୍ୱାରା ସମୃଦ୍ଧ ନୂତନ ପତାକାକୁ ମଧ ଉନ୍ମୋଚନ କରିଛନ୍ତି । ସମବେତ ଜନତାଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଆଜି କହିଛନ୍ତି ଯେ କେରଳର ଉପକୂଳ, ଭାରତ ଓ ପ୍ରତ୍ୟେକ ଭାରତୀୟ ଆଜି ଏକ ନୂତନ ଭବିଷ୍ୟତର ସୂର୍ଯ୍ୟୋଦୟ ଅବଲୋକନ କରୁଛନ୍ତି । ଆଇଏନଏସ ବିକ୍ରାନ୍ତରେ ଏହି ସମାରୋହ ପାଳିତ ହେଉଥିବା ବେଳେ ବିଶ୍ୱର ଦିଗବଳୟରେ ଏହା ଭାରତର ଉତ୍ସାହ ଓ ଉଦ୍ଦୀପନାର ଏକ କୃତାଞ୍ଜଳି । ଆମ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ଏକ ସମର୍ଥ ଓ ମଜଭୁତ ଭାରତର ସ୍ୱପ୍ନ ଦେଖିଥିଲେ ଆଜି ତାହା ପ୍ରଦର୍ଶିତ ହୋଇଛି । ପ୍ରଧାନମନ୍ତ୍ରୀ ଆନନ୍ଦରେ ଆତ୍ମହରା ହୋଇ କହିଥିଲେ ଯେ "ବିକ୍ରାନ୍ତ ବିଶାଳ, ବୃହତକାୟ ଓ କଳେବରରେ ମହାନ । ବିକ୍ରାନ୍ତ ମହାନ ଓ ସ୍ୱତନ୍ତ୍ର । ବିକ୍ରାନ୍ତ କେବଳ ଏକ ଯୁଦ୍ଧ ପୋତ ନୁହଁ, ଏହା କଠିନ ପରିଶ୍ରମ, ମେଧା, ପ୍ରଭାବ ଓ ଏକବିଂଶ ଶତାବ୍ଦୀରେ ଭାରତୀୟ ଅଙ୍ଗୀକାରବଦ୍ଧତାର ଏକ ପ୍ରତୀକ । ଯଦି ଲକ୍ଷ୍ୟ ସ୍ଥଳ ଦୂରରେ ଓ ଯାତ୍ରା ଲମ୍ବା; ମହାସାଗର ଓ ଆହ୍ୱାନଗୁଡିକ ଅସୀମ ତେବେ ଭାରତର ଉତ୍ତର ହେଉଛି ବିକ୍ରାନ୍ତ । ଆଜାଦୀ କା ଅମୃତ ମହୋତ୍ସବର ଅତୁଳନୀୟ ଅମୃତ ହେଉଛି ବିକ୍ରାନ୍ତ । ଭାରତ ଆତ୍ମନିର୍ଭରଶୀଳ ହେବାର ବିକ୍ରାନ୍ତ ଏକ ଅନନ୍ୟ ପ୍ରତିଫଳନ ।" ଦେଶର ବର୍ତ୍ତମାନର ମତିଗତି ଉପରେ ମନ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଭାରତ ନିମନ୍ତେ କୌଣସି ଆହ୍ୱାନ କଷ୍ଟସାଧ ନୁହଁ । ସେ କହିଥିଲେ ଯେ "ଆଜି ଭାରତ ବିଶ୍ୱର ସେହି ଦେଶମାନଙ୍କ ସହ ସମକକ୍ଷ ଯାହା ସ୍ୱଦେଶୀ ବୈଷୟିକ କୌଶଳ ବଳରେ ବିଶାଳ ଏୟାରକ୍ରାଫ୍ଟ କ୍ୟାରିଅରର ନିର୍ମାଣ କରିଛି । ଆଜି ଆଇଏନଏସ ବିକ୍ରାନ୍ତ ଦେଶରେ ଏକ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଛି ।" ପ୍ରଧାନମନ୍ତ୍ରୀ ନୌସେନା, କୋଚିନ ବନ୍ଦରର ଯନ୍ତ୍ରୀ, ବୈଜ୍ଞାନିକ ଓ ବିଶେଷଜ୍ଞ କରି ପ୍ରକଳ୍ପ ପାଇଁ କାର୍ଯ୍ୟ କରିଥିବା କର୍ମଜୀବୀମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ସେ ମଧ ଓନମର ପବିତ୍ର କ୍ଷଣ ବର୍ତ୍ତମାନକୁ ଅଧିକ ଖୁସୀରେ ଭରି ଦେଉଛି ବୋଲି କହିଥିଲେ । ଆଇଏନଏସ ବିକ୍ରାନ୍ତର ପ୍ରତ୍ୟେକ ଭାଗର ନିଜସ୍ୱ ଶକ୍ତି, ସୁବିଧା ଓ ସ୍ୱତନ୍ତ୍ରତା ରହିଛି । ଏହା ସ୍ୱଦେଶୀ ସାମର୍ଥ୍ୟ, ସମ୍ପଦ ଓ କୌଶଳର ପ୍ରତୀକ । ଏହାର ବିମାନଘାଟୀରେ ବ୍ୟବହୃତ ଇସ୍ପାତ ମଧ ସ୍ୱଦେଶୀ, ଏହା ଡିଆରଡିଓ ବିଜ୍ଞାନୀମାନଙ୍କ ଦ୍ୱାରା ବିକଶିତ ହେବା ସହ ଭାରତୀୟ କମ୍ପାନୀମାନେ ଏହା ପ୍ରସ୍ତୁତ କରିଛନ୍ତି ବୋଲି ସେ କହିଥିଲେ । ବିଶାଳ କ୍ୟାରିଅରର ବ୍ୟାପକତାକୁ ବିଶ୍ଳେଷଣ କରି ପ୍ରଧାନମନ୍ତ୍ରୀ ଏହାକୁ ଏକ ଭାସମାନ ନଗରୀ ସହ ତୁଳନା କରିଥିଲେ । ଏଥିରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ପାଞ୍ଚ ହଜାର ପରିବାରକୁ ଆଲୋକିତ କରିବା ପାଇଁ ଯଥେଷ୍ଟ ଓ ଏଥିରେ ବ୍ୟବହୃତ ତାର ସମସ୍ତଙ୍କୁ ଯୋଡିଲେ ତାହା କୋଚିରୁ କାଶୀ ପର୍ଯ୍ୟନ୍ତ ପହଞ୍ଚିଯିବ ବୋଲି ସେ କହିଥିଲେ । ଆଇଏନଏସ ବିକ୍ରାନ୍ତ ହେଉଛି ପାଞ୍ଚପ୍ରାଣର ଜୀବନ୍ତ ବିଗ୍ରହ ଯାହା ସେ ଲାଲକିଲ୍ଲାର ପ୍ରାଚୀର ଉପରୁ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ ସାମୁଦ୍ରିକ ଐତିହ୍ୟ ଓ ନୌସେନା ସାମର୍ଥ୍ୟ ଉପରେ ମଧ ଆଲୋଚନା କରିଥିଲେ । ସେ କହିଥିଲେ ଯେ ଛତ୍ରପତି ବୀର ଶିବାଜୀ ମହାରାଜ ସାମୁଦ୍ରିକ ଶକ୍ତି ବଳରେ ଏପରି ନୌସେନା ଗଠନ କରିଥିଲେ ଯାହା ଶତ୍ରୁକୁ ଦୂରେଇ ରଖିଥିଲା । ଯେତେବେଳେ ଇଂରେଜମାନେ ଭାରତକୁ ଆସିଲେ ସେମାନେ ଭାରତୀୟ ଜାହାଜଗୁଡିକ ଦ୍ୱାରା ଭୟଭୀତ ହୋଇ ସେମାନଙ୍କ ସହ ବାଣିଜ୍ୟିକ ସମ୍ବନ୍ଧ ରଖିଥିଲେ । ତେଣୁ ସେମାନେ ଭାରତୀୟ ସାମୁଦ୍ରିକ ଶକ୍ତି ଦୁର୍ବଳ କରିବାକୁ ସ୍ଥିର କଲେ । ସେତେବେଳେ ବ୍ରିଟିଶ ସଂସଦରେ ଆଇନ ପ୍ରଣୟନ କରି କିପରି ଭାରତୀୟ ଜାହାଜଗୁଡିକ ଉପରେ କଠୋର କଟକଣା ଲଗାଯାଇଥିଲା ଇତିହାସ ତାର ମୂକ ସାକ୍ଷୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଐତିହାସିକ ଦିବସ, ସେପଟ୍ମେର ୨, ୨୦୨୨ରେ ଭାରତ ଦାସତ୍ୱର ଚିହ୍ନକୁ ହଟାଇ ଦେଇଛି । ଆଜିଠାରୁ ଭାରତୀୟ ନୌସେନା ଏକ ନୂତନ ପତାକା ଆପଣାଇଛି । ଏ ପର୍ଯ୍ୟନ୍ତ ଦାସତ୍ୱର ପରିଚୟ ଭାରତୀୟ ନୌସେନାର ପତାକାର ରହିଥିଲା । ମାତ୍ର ଆଜିଠାରୁ ଛତ୍ରପତି ଶିବାଜୀଙ୍କ ଦ୍ୱାରା ଅନୁପ୍ରାଣୀତ ଭାରତୀୟ ନୌସେନାର ନୂତନ ପତାକା ସାଗର ଓ ଆକାଶ ବକ୍ଷରେ ଉଡିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ବିକ୍ରାନ୍ତ ଆମର ସାମୁଦ୍ରିକ ଅଞ୍ଚଳର ନିରାପତ୍ତା ପାଇଁ ପାଣିକୁ ଓହ୍ଲାଇବ ଅନେକ ନୌସେନାର ମହିଳା ସୈନିକ ସେଥିରେ କାର୍ଯ୍ୟ କରିବେ । ସାଗରର ଅମାପ ଶକ୍ତି ସହ ଅସୀମ ନାରୀ ଶକ୍ତି ନୂତନ ଭାରତର ଉତ୍ତୁଙ୍ଗ ପରିଚୟ ସୃଷ୍ଟି କରିବ । ବର୍ତ୍ତମାନ ଭାରତୀୟ ନୌସେନା ଏହାର ସମସ୍ତ ଶାଖା ମହିଳାଙ୍କ ନିଯୁକ୍ତି ପାଇଁ ମୁକ୍ତ ରଖିଛି । ଆଗରୁ ଥିବା କଟକଣା କ୍ରମଶଃ ହଟାଇ ଦିଆଯାଇଛି ଯେପରି ସାଗର ତରଙ୍ଗର କୌଣସି କଟକଣା ନାହିଁ ସେହିପରି ଭାରତର କନ୍ୟାମାନଙ୍କ ନିମନ୍ତେ ମଧ କୌଣସି କଟକଣା ରହିବ ନାହିଁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ବୁନ୍ଦେ ବୁନ୍ଦେ ଜଳ ମିଶି ବିଶାଳ ମହାସାଗର ସୃଷ୍ଟି ହୁଏ ।

## ପୋକ୍ସୋ କୋର୍ଟ ବିଚାରପତିଙ୍କ ଆତ୍ମହତ୍ୟା



କଟକ/ ଭୁବନେଶ୍ୱର, ୦୨ ସେପ୍ଟେମ୍ବର - କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ ଆତ୍ମହତ୍ୟା କରିଛନ୍ତି । ଶୁକ୍ରବାର କଟକର ସିଡିଏ ସେକ୍ଟର -୯ ସ୍ଥିତ ସରକାରୀ ଘରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ସିଡିଏର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ତାଙ୍କ ମୃତଦେହକୁ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବାବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ସୂଚନା ଅନୁଯାୟୀ ବିଚାରପତି ଜଣକ ୨ ଦିନ ହେବ ଛୁଟିରେ ଥିଲେ । ଆଜି ଛୁଟି ସରୁଥିବା ବେଳେ ଷ୍ଟେନୋଙ୍କୁ ଫୋନ୍ କରି ପୁଣି ଥରେ ଛୁଟିରେ ରହିବେ ବୋଲି କହିଥିଲେ । ଘରେ କେହି ନଥିବା ବେଳେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତାଙ୍କ ପତ୍ନୀ ଓ ଦୁଇ ଝିଅ ବଜାର ଯାଇଥିଲେ । ସେହିପରି ତାଙ୍କ ଅର୍ଡର୍ଲି ୧୨ଟା ବେଳେ କାମ ଶେଷ କରି ଚାଲି ଯାଇଥିଲେ । ତାଙ୍କ ପତ୍ନୀ ଓ ଝିଅମାନେ ବଜାରରୁ ଫେରିବା ପରେ କବାଟ ବାଡ଼େଇଥିଲେ । ଭିତର ପଟରୁ କୌଣସି ଉତର ନଆସିବାରୁ ସେମାନେ ଅର୍ଡର୍ଲିଙ୍କୁ ଡକାଇଥିଲେ । ଏହା ପରେ କବାଟ ଭଙ୍ଗା ଯାଇଥିଲା । କବାଟ ଭାଙ୍ଗି ଭିତରେ ପଶିବା ପରେ ସେମାନେ ବିଚାରପତିଙ୍କୁ ଫ୍ୟାନ୍ ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ । ତାଙ୍କୁ ତଳକୁ ଓହ୍ଲାଇ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏସିପି ତାପସ ପ୍ରଧାନ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଲାଗୁଛି । ତାଙ୍କ ବେକରେ ଦାଗ ଓ ଆଂଚୁଡ଼ା ଚିହ୍ନ ରହିଛି । ସାଧାରଣତଃ ଝୁଲିପଡ଼ି ଆତ୍ମହତ୍ୟା କଲେ ଏଭଳି ଦାଗ ସୃଷ୍ଟି ହୋଇଥାଏ । ଘଟଣାସ୍ଥଳରୁ ଏକ ରଶି ମିଳିଛି । ତାକୁ ଜବତ କରାଯାଇଛି ଓ ପରୀକ୍ଷା ପାଇଁ ପଠାଯିବ । ସାଇଂଟିଫିକ୍ ଟିମ୍ ମଧ ଘଟଣାସ୍ଥଳରେ ଯାଂଚ କରିଛି । ତାଙ୍କ ମୃତଦେହକୁ ଯାଂଚ କରାଯାଇଛି । ଏବେ ତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କଲା ଭଳି ସ୍ଥିତି ନାହିଁ । ତେଣୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତଦନ୍ତ କରାଯାଉଛି ।

## ୩ ଲକ୍ଷ ପାଇଁ ପତ୍ନୀ ଦେହରେ ନିଆଁ ଲଗାଇଦେଲା ସ୍ୱାମୀ



ବ୍ରହ୍ମପୁର, ୦୨/୮(ନି.ପ୍ର): ଟଙ୍କା ଆଗରେ ଫିକା ପଡ଼ିଗଲା ସ୍ୱାମୀସ୍ତ୍ରୀଙ୍କ ପବିତ୍ର ସମ୍ପର୍କ । ପତ୍ନୀକୁ ସୁରକ୍ଷା ଦେବାକୁ ଯେଉଁ ସ୍ୱାମୀ ଅଗ୍ନିକୁ ସାକ୍ଷୀ ଶପଥ ନେଇଥିଲେ, ସିଏ ହିଁ ପତ୍ନୀର ଜୀବନ ନେବାକୁ ଆପ୍ରାଣ ଚେଷ୍ଟା କଲେ । ପ୍ରଥମେ ଛାତରୁ ଧକ୍କା ମାରି ତଳକୁ ପକାଇଦେବାକୁ କରିଥିବା ଚେଷ୍ଟା ବିଫଳ ହେବାରୁ ଦେହରେ ସାନିଟାଇଜର ଢାଳି ନିଆଁ ଲଗାଇଦେଲେ । ମାତ୍ର ସୌଭାଗ୍ୟବଶତଃ ମହିଳାଜଣକ ବଞ୍ଚି ଯାଇଥିବା ବେଳେ ଏବେ ହସ୍ପିଟାଲ ବେଡରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏପରି ଅଭାବନୀୟ ଘଟଣା ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମରେ ଘଟିଛି । ଗୁରୁତରଜଣକ ହେଲେ ମହୁଡ଼ା ଗ୍ରାମ ମାଝୀ ସାହିର ସଞ୍ଜୟ ପ୍ରଧାନଙ୍କ ସ୍ତ୍ରୀ ରିତା ପ୍ରଧାନ । ଗତକାଲି ସନ୍ଧ୍ୟା ୬ଟା ସମୟରେ ପ୍ରଥମେ ରିତା ଘର ଛାତ ଉପରେ ଥିବା ସମୟରେ ସଞ୍ଜୟ ତାଙ୍କୁ ସେଠାରୁ ଧକ୍କା ଦେଇ ମାରିଦେବାକୁ ଚେଷ୍ଟା କରିଥିଲେ । ସେଥିରୁ ବିଫଳ ହେବାପରେ ରୋଷେଇ ଘରେ ରିତାଙ୍କ ଶରୀରରେ ସାନିଟାଇଜର ଢାଳି ନିଆଁ ଲଗାଇଥିଲେ । ଏହାପରେ ପ୍ରାଣ ବିକଳରେ ରିତା ନିଜ ଦେହରେ ପାଣି ଢାଳିବା ସହ ସେହି ଗ୍ରାମରେ ଥିବା ମାଉସୀଙ୍କ ଘରକୁ ଦୌଡ଼ି ପଳାଇଥିଲେ । ମାଉସୀ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ମହିଳାଙ୍କର ଶରୀରର ୩୦ ପ୍ରତିଶତ ପୋଡ଼ିଯାଇଛି । ଖବର ପାଇ ରିତାଙ୍କ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଛନ୍ତି । ସୂଚନା ମୁତାବକ, ପୁରୁଷୋତ୍ତମପୁର ଥାନା ସାହାପୁର ଗ୍ରାମର ଛେନା ପ୍ରଧାନଙ୍କ ମଝିଆ ଝିଅ ରିତା ପ୍ରଧାନଙ୍କୁ ମହୁଡା ଗ୍ରାମର ସଞ୍ଜୟ ପ୍ରଧାନ ୪ ବର୍ଷ ତଳେ ବିବାହ କରିଥିଲେ । ବିବାହ ସମୟରେ ରିତାଙ୍କ ବାପା ଯୌତୁକ ବାବଦକୁ ଦେଢ ଲକ୍ଷ ଟଙ୍କା ଓ ସୁନା ଦେଢ ତୋଲା ଦେଇଥିଲେ । ମାତ୍ର ଏହାପରେ ଘର କରିବା ନିମନ୍ତେ ବାପଘରୁ ୩ ଲକ୍ଷ ଟଙ୍କା ଆଣିବାକୁ ସଞ୍ଜୟ ପତ୍ନୀ ରିତାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଦେଲେ । ଏନେଇ ପୂର୍ବରୁ ୨୦୧୯ ମସିହାରେ ବ୍ରହ୍ମପୁର ମହିଳା ଥାନାରେ ଲିଖିତ ଭାବେ ଜଣାଇଥିଲେ ରିତାଙ୍କ ପରିବାର । ଗତ କାଲି ମଧ ରିତାଙ୍କ ପରିବାର ବର୍ଗ ଘଟଣାର ସମାଧାନ କରିବାକୁ ମହୁଡ଼ା ଯାଇଥିଲେ । କିନ୍ତୁ ସେହି ସମୟରେ ଝିଅ ସହ କଥା ହେବାକୁ ଜ୍ୱାଇଁ ସଞ୍ଜୟ ତାଙ୍କୁ ସୁଯୋଗ ଦେଇନଥିଲେ । ଏହାପରେ ଏହି ଅଘଟଣ ଘଟିଥିବା କହିଛନ୍ତି ତାଙ୍କ ବାପା । ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ପୁଲିସ୍ ଗତକାଲି ମେଡିକାଲରେ ପହଞ୍ଚି ଘଟଣାର ଛାନଭିନ କରିଛି ।

### କାଲିଠୁ ସ୍ପେଶାଲ ଓଜେଇଇ

ଭୁବନେଶ୍ୱର, ୦୨ ସେପ୍ଟେମ୍ବର - ସେପ୍ଟେମ୍ବର ୩ (ଶନିବାର) ଠାରୁ ସ୍ୱତନ୍ତ୍ର ଓଜେଇଇ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୩,୪ ଓ ୭ ତାରିଖରେ ଏମବିଏ, ବି ଟେକ, ବି ଫାର୍ମା ବିଭାଗର ପରୀକ୍ଷା ହେବ । ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଟାରେଶେଷ ହେବ ପରୀକ୍ଷା । ୪ଟି ସିଫ୍ଟରେ ପରୀକ୍ଷାର୍ଥୀ ଦେବେ ପରୀକ୍ଷା । ସିବିଟି ବା କମ୍ପ୍ୟୁଟର ବେସଡ ଟେଷ୍ଟ ମାଧ୍ୟମରେ ପରୀକ୍ଷା ହେବ । ମୋଟ ୨୮,୬୨୦ ଜଣ ପରୀକ୍ଷାର୍ଥୀ ସ୍ପେଶାଲ ଓଜେଇଇ ଦେବେ । ଏହି ପରୀକ୍ଷା ଓଡ଼ିଶାର ୨୮ଟି ସହରରେ ୩୮ କେନ୍ଦ୍ରରେ ଅନୁଷ୍ଠିତ ହେବ ।

## ରହିବନି ବିଦେଶୀ ଚିହ୍ନ , ବଦଳିଲା ଭାରତୀୟ ନୌସେନାର ପତାକା





ନୂଆଦିଲ୍ଲୀ,୦୨ ସେପ୍ଟେମ୍ବର: ଭାରତୀୟ ନୌସେନା ପତାକାରେ ଆଉ ରହିବନି ବିଦେଶୀ ଚିହ୍ନ । ଭାରତୀୟ ଛାପ ଥାଇ ଏକ ନୂଆ ରଙ୍ଗରେ ନୌସେନାରେ ଫର ଫର ହୋଇ ଉଡ଼ିବ ନୂଆପତାକା । ଆଜି ନୌସେନା ପାଇଁ ଏକ ଗୌରବର ଦିନ । ଭାରତୀୟ ନୌସେନାର ପୁରୁଣା ପତାକା ତଥା ପ୍ରତୀକକୁ ଆଜି ହଟାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ନୌସେନାର ଆଜି ନୂଆ ପତାକାକୁ ଅନାବରଣ କରିଛନ୍ତି । ଭାରତୀୟ ନୌସେନାର ନୂତନ ପତାକା ତଥା ପ୍ରତୀକ ଛତ୍ରପତି ଶିବାଜୀଙ୍କ ମୋହର ଦ୍ୱାରା ପ୍ରେରିତ ହୋଇଛି । ଏହାର ଉପର ବାମ ପାର୍ଶ୍ୱରେ ଜାତୀୟ ପତାକା ଏବଂ ଡାହାଣ ପାର୍ଶ୍ୱରେ ଅଶୋକ ସ୍ତମ୍ଭ ଏବଂ ଏହା ତଳେ ଲଙ୍ଗର ରହିଛି । ଆଜି କୋଚିରେ 'କୋଚିନ୍ ସିପ୍ୟାର୍ଡ ଲିମିଟେଡ୍'ରେ ଭାରତରେ ନିର୍ମିତ ପ୍ରଥମ ଲଢୁଆବିମାନବାହୀ ଯୁଦ୍ଧପୋତ 'ଆଇଏନ୍ଏସ୍ ବିକ୍ରାନ୍ତ'କୁ ନୌସେନାରେ ସାମିଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଆଜି ଭାରତ ନିଜ ଉପରୁ ଏକ ଦାସତ୍ୱର ଭାର ଓହ୍ଲାଇ ଦେଇଛି । ଆଜି ଠାରୁ ଭାରତୀୟ ନୌସେନାକୁ ଏକ ନୂତନ ପତାକା ମିଳିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ନୌସେନା ପତାକା ଉପରେ ଦାସତ୍ୱର ପରିଚୟ ରହିଆସିଥିଲା । କିନ୍ତୁ ଆଜିଠାରୁ ଛତ୍ରପତି ଶିବାଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନୂତନ ନୌସେନା ପ୍ରତୀକ ସମୁଦ୍ର ତଥା ଆକାଶରେ ଉଡ଼ିବ । ୧୯୩୪ ମସିହା ଅକ୍ଟୋବର ୨ ତାରିଖରେ ନୌସେନାର ନାମକୁ 'ନାଭାଲ୍ ସର୍ଭିସ' ନାମରେ ନାମିତ କରାଯାଇଥିଲା । ସେହି ଦିନଠାରୁ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ନୌସେନାର ନାମ 'ନାଭାଲ ସର୍ଭିସ' ରହିଥିଲା । ଦେଶ ବିଭାଜନ ପରେ ଭାରତ ଓ ପାକିସ୍ତାନ ସେନା ବାହିନୀ ଗଠନ ହେଲା । ସେତେବେଳେ ନୌସେନାକୁ ରୟାଲ ଇଣ୍ଡିଆନ ନୌସେନା ଏବଂ ରୟାଲ ପାକିସ୍ତାନ ନୌସେନା ଭାବରେ ବିଭକ୍ତ କରାଯାଇଥିଲା । ଏହାପରେ, ୧୯୫୦ ଜାନୁଆରୀ ୨୬ ତାରିଖରେ ରୟାଲ ଶବ୍ଦକୁ ଭାରତୀୟ ନୌସେନାରୁ ହଟାଇ ଦିଆଯାଇଥିଲା । ଏହାର ନାମରେ ପରିବର୍ତ୍ତନ କରାଯାଇ ଭାରତୀୟ ନୌସେନା ରଖାଯାଇଥିଲା । ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ପତାକା ନୌସେନା ପତାକାର ଉପର କୋଣରେ ରହିଥିଲା । ଯାହା ବଦଳରେ ତ୍ରିରଙ୍ଗାକୁ ସ୍ଥାନ ଦିଆଯାଇଥିଲା । ଏବେ ନୂତନ ପତାକାରେ ଥିବା କ୍ରସ୍ ସଙ୍କେତକୁ ହଟାଯାଇପାରିବ । ପତାକା ଭିତରେ ଥିବା କ୍ରସ୍ ହେଉଛି ସେଣ୍ଟ ଜର୍ଜଙ୍କର ପ୍ରତୀକ । ପୂର୍ବରୁ ମଧ ନୌସେନା ପତାକାରେ ହୋଇଛି ପରିବର୍ତ୍ତନ । ୨୦୦୧ ମସିହାରେ ଅଟଳ ବିହାରୀ ବାଜପେୟୀ ସରକାର ସମୟରେ ନୌସେନାର ପ୍ରତୀକ ପରିବର୍ତ୍ତନ କରାଯାଇଥିଲା ।

## ଆସୁଛି ୨ ଟି ଲଘୁଚାପ

ଭୁବନେଶ୍ୱର, ୦୨ ସେପ୍ଟେମ୍ବର - ଆଗକୁ ଆସୁଛି ଦୁଇ ଦୁଇଟି ଲଘୁଚାପ । ଏଥିମଧ୍ୟରୁ ଚଳିତ ମାସ ପ୍ରଥମ ସପ୍ତାହ ଅର୍ଥାତ ସେପ୍ଟେମ୍ବର ୨ରୁ ୮ ତାରିଖ ମଧ୍ୟରେ ପ୍ରଥମ ଲଘୁଚାପ ଓ ଦ୍ୱିତୀୟଟି ସେପ୍ଟେମ୍ବର ୯ରୁ ୧୫ ମଧ୍ୟରେ ସୃଷ୍ଟି ହେବ । ଏହାର ପ୍ରଭାବରେ ୫ ତାରିଖରୁ ବର୍ଷାର ପରିମାଣ ବଢିବ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତାର ପାର୍ଶ୍ୱବର୍ତୀ ଅଂଚଳରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଜୁନ ୧ରୁ ଅଗଷ୍ଟ ୨ ତାରିଖ ମଧ୍ୟରେ ୬% ଅଧିକ ବର୍ଷା ହୋଇଛି । ଏହି ସମୟରେ ୬ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ୨୪ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି । ବର୍ତମାନ ମୌସୁମୀ ନିମ୍ନଚାପ ରେଖା କ୍ରମଶଃ ଦକ୍ଷିଣମୁହାଁ ହେଉଛି । ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ଜାରି ରହିଛି । ଏହାର ପ୍ରଭାବରେ ଉଚ୍ଚ ତାପମାତ୍ରା ଏବଂ ଆଦ୍ରତା ପ୍ରଭାବରେ ଉପକୂଳ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଗୁଳୁଗୁଳି ଜାରି ରହିଛି । ଆହୁରି ୩ ଦିନ ଏହି ସ୍ଥିତି ଲାଗି ରହିବ ବୋଲି ସେ କହିଛନ୍ତି ।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କର୍ମକର୍ତା ନିର୍ବାଚିତ

ଭୁବନେଶ୍ୱର, ୦୨ ସେପ୍ଟେମ୍ବର - ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ୨୮ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତା ନିର୍ବାଚନ ହୋଇଛି ।ଏହି ନିର୍ବାଚନରେ ଆଗାମୀ ୩ ବର୍ଷ ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟସଭାପତି ତଥା ପ୍ରାକ୍ତନ ସାଂସଦ ଡଃରାମଚନ୍ଦ୍ରଖୁଂଟିଆ, କାର୍ଯ୍ୟକାରୀ ସଭାପତି-ଘନଶ୍ୟାମ ଜେନା, ସାଧାରଣ ସଂପାଦକ- କିଶୋରଜେନା, ପ୍ରଶାନ୍ତ ବେହେରା, ସୌଭାଗ୍ୟ ପ୍ରଧାନ, ଉପସଭାପତି- ମଦନ ମୋହନ ଧଳ, ବନଲତା ମିଶ୍ର, ସନ୍ଧ୍ୟା ମହାପାତ୍ର, ଶ୍ୟାମସୁନ୍ଦରମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ପରେଶଜେନା, କୋଷାଧକ୍ଷ- ଧରଣୀଧର ସ୍ୱାଇଁ, ଯୁଗ୍ମସାଧାରଣସଂପାଦକ - ନିର୍ମାଲସାମଲ, ଅକ୍ଷୟକୁମାରତ୍ରିପାଠୀ, ସତ୍ୟବ୍ରତ ନାୟକ, ସଂପାଦକ-ଏସ୍.ଏନ୍. ସାହୁ, କ୍ଷୀରୋଧ ଓଝା, ପ୍ରଣତୀମିଶ୍ର, ଚାରୁଲତା ଦାସ, ପିତବାସ ପଣ୍ଡା, ପି.କେ. ଦାସ, ବୈଭବଜେନା, ଶିବାଜୀ କଂଅର, ଯୁଗ୍ମ ସଂପାଦକ- ବି.ସି. ପାଣିଗ୍ରାହୀ, ଭୁବନ ବିହାରୀସାହୁ, ଏସ୍. କେ. ଜେନା, ଏନ୍.ସି. ପହି, ମୁନାଖାଁ, ଜଗବନ୍ଧୁ ପ୍ରଧାନ, ସୁଜୀତ କୁମାର ସେଠ୍, ବିମଳ ନାୟକ, ବିଶ୍ୱନାଥ ଖୁଂଟିଆ, ଘନ ସବର, ଯୁଗ୍ମ ସଂପାଦକ - ଯବାମଣୀ ଟୁଡୁ, ବୀଣାପାଣି ସାମଲ, ଶ୍ରୀଧର ଚୌଧୁରୀ, ସୁକୁମାର ଦେଓ, ପ୍ରକାଶଚନ୍ଦ୍ର ପହି, ଅକ୍ଷୟ ସ୍ୱାଇଁ, ସୁରେଶ ବେହେରା, ବିପ୍ଳବ ଚୌଧୁରୀ, ମୁକ୍ତାରଖାଁ ପ୍ରମୁଖ ସମେତ କାର୍ଯ୍ୟକାରୀ କମିଟି ୩୬ ଜଣ ଓ ସ୍ଥାୟୀ ସଦସ୍ୟ ଭାବରେ ୨୮ ଜଣ ନିର୍ବାଚିତ ହୋଇଛନ୍ତି ।

# ବର୍ଷା ହେଲେ ପାଠ ପଢା ବନ୍ଦ, ଶିକ୍ଷକ ଛାତ୍ର ଛାତ୍ରୀ ଅଛନ୍ତି ଭିତିଭୂମି ନାହିଁ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆଗୁଡ଼ା ଗ୍ରାମ ମାତ୍ର ବ୍ଲକ୍ ଠାରୁ ୩ରୁ ୪କିମି ମଧ୍ୟରେ ରହିଛି। ଆଖ ପାଖ ଅଞ୍ଚଳରୁ ୫ରୁ ୬ଗ୍ରାମକୁ ନେଇ ରାଜସ୍ୱ ଗ୍ରାମର ମାନ୍ୟତା ମଧ୍ୟ ପାଇଛି। ଗ୍ରାମର ଏକ ମାତ୍ର ପ୍ରାଥମିକ ବିଦ୍ୟାଳୟ ରହିଛି । ସେଠାରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ମୋଟ ୫୦ ଛାତ୍ର ଛାତ୍ରୀ ବିଦ୍ୟା ଅଧ୍ୟୟନ କରୁଛନ୍ତି। ଏମାନଙ୍କ ପାଠ ପଢେଇବା ପାଇଁ ୨ଟି ଶିକ୍ଷକ ଶିଖା ବିଭାଗ ଅଧିକାରୀ ନିଯୁକ୍ତି ଦେଇଛନ୍ତି। ଗୋଟିଏ କୋଠା ଘରେ ପ୍ରଧାନ ଶିକ୍ଷକ ଙ୍କ କାର୍ଯ୍ୟାଳୟ ରହିଛି। ତାହା ବି ଡେମେଜ୍ ହୋଇଯାଇଛି। ଆଉ ୨ଟି ଟିଣ ଛପର ଘର ପରିତ୍ୟକ୍ତ ଅବସ୍ଥା ଅନେକ ବର୍ଷ ହେଲା ପଡି ରହିଛି।ଦିନକୁ ଦିନ ଲଗାଣ ବର୍ଷା ହେଲେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଶିକ୍ଷକ ପାଠ ପଢିବେ କଣ ନିଜ ଜୀବନକୁ କିପରି ସୁରକ୍ଷିତ ରଖିବା ସେ ଚିନ୍ତା ରେ ରହିଥାନ୍ତି। ବିଭାଗୀୟ ଅଧିକାରୀ ଏହି ଗୃହ କୁ ଅକାମୀ ମଧ୍ୟ ଖାତା ଫେନ୍‌ରେ ଲିପବଦ୍ଧ କରି ଉପରସ୍ତ ଅଧିକାରୀଙ୍କୁ ବି ଅବଗତ କରିଛନ୍ତି। ତଥାପି ଶ୍ରେଣୀ ଗୃହ ଅଭାବ ଯୋଗୁ ଆଉ କୌଣସି ଉପାୟ ନ ପାଇଁ ପ୍ରଥମ ରୁ ୫ମ ଶ୍ରେଣୀ ପିଲାଙ୍କୁ ଗୋଟିଏ ସ୍ଥାନରେ ଶିକ୍ଷା ଦେବାର ଦେଖା ଦେଉଛି। କିଛି ଅଭିଭାବକ କାନ୍ଥ କେତେ ବେଳେ ଭୁଷୁଡି ଗଲେ ପିଲାଙ୍କ ଜୀବନ ଗଲା, ବିଦ୍ୟାଳୟ ଆଉ ବିଦ୍ୟାଳୟ ଭଳି ଦେଖା ଯାଉ ନାହି। ଦିନକୁ ଦିନ ଏଠାରେ ସରୀସୃପ ର ଆବାସ ସ୍ଥାନ କରିଥିବା ପରିଲକ୍ଷିତ ହେଉଛି। ଏସବୁ ବିଷୟ ଜାଣି ମଧ୍ୟ କେମିତି ପରିତ୍ୟକ୍ତ ଭଗ୍ନ ଅବସ୍ଥାରେ ଥିବା ଶ୍ରେଣୀ ଗୃହ ରେ ପିଲାମାନଙ୍କୁ ୧୦ଘଣ୍ଟା ରୁ ୪ ଘଣ୍ଟା ସୁରକ୍ଷାରେ ରଖୁଛନ୍ତି । ଥାହା ଭୋଗଭାନଙ୍କୁ ଜଣା, ଶ୍ରେଣୀରେ ଶିକ୍ଷକ ପାଠ ପଢାଇବେ ନା ସେମାନଙ୍କୁ ସୁରକ୍ଷା ଅଧିକାରୀ ଭାବେ ସୁରକ୍ଷା ଦେବେ। ବର୍ଷା ହେଲା ଆଉ ପାଠପଢା ନାହି ଆପେ ଆପେ ବନ୍ଦ ହୋଇଯାଏ। ଭଗ୍ନ ଶ୍ରେଣୀ ଗୃହ ପାଶ୍ୱ ରେ ବିଦ୍ୟାଳୟ ଶୌଚାଳୟ ମଧ୍ୟ ରହିଛି।ବିଦ୍ୟାଳୟ ପାଚେରୀ କହିଲେ ସମ୍ମୁଖ ପାଶ୍ୱ ରେ କୌଣସି ଫାଟକ ନାହିଁ ।ବର୍ଷା ଆସିଲେ ଶ୍ରେଣୀ ଗୃହ ରେ ସଂପୂର୍ଣ୍ଣ ପାଣି ଭର୍ତ୍ତି ହୋଇଯାଉଛି।। ମୁଣ୍ଡ ଉପରେ ବିପଦ ଭାବି ଅଭିଭାବକ ପିଲାଙ୍କୁ ବିଦ୍ୟାଳୟ ଆଉ ପଟାଉ ନଥିବା ଅଭିଯୋଗ ହେଉଛି, ଏମିତିକି ବିଦ୍ୟାଳୟ ପରିତ୍ୟାଗ ପ୍ରମାଣ ପତ୍ର ମାଗି ଅନ୍ୟ ବିଦ୍ୟାଳୟ ରେ ଜଇନ୍ କରିଥିବା ଶୁଣିବାକୁ ମିଳୁଛି।ରାସ୍ତା କୁ ଲାଗି କି ବିଦ୍ୟାଳୟ ରହିଛି ଗାଡ଼ି ମୋଟର ସବୁ ବେଳେ ଯାତାୟତ କରୁଛି କେତେବେଳେ ଦୁର୍ଘଟଣା ହୋଇପାରେ ଜାଣି ହେବ ନାହିଁ ତେନ୍ତୁଳିଖୁଣ୍ଟି ଠାରୁ ଖାତିଗୁଡ଼ା କୋଲାହାଣ୍ଡି ସୀମାନ୍ତ ଭର୍ତ୍ତି ଅଞ୍ଚଳ ଲୋକ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ତଥାପ ଶିକ୍ଷା ବିଭାଗୀୟ ଅଧିକାରୀ ସବୁ ଜାଣି ବି ନିରବ ଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳୁଛି। ଏ ବିଷୟ ନେଇ ଆମେ ଖଣ୍ଡିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷ ୟତ୍ରୀଙ୍କୁ କବିତା ଭଞ୍ଜ ଙ୍କୁ ପଚାରିବାରୁ ବିଦ୍ୟାଳୟ ପରିଚାଳନା କମିଟି ଏ ବିଷୟରେ ବୈଠକ କରି ପୂର୍ବରୁ ମଧ ଅବଗତ କରିଛୁ ପୁନର୍ବାର ଆଉ ଏକ ବୈଠକ କରି ପତ୍ର ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବୁ ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ବ୍ଲକ୍ ସଦର ମହକୁମା ଗ୍ରାମ ବିଦ୍ୟାଳୟ ର ଏଭଳି ଅବସ୍ଥା ହେଲେ ୧୫ଟି ଗ୍ରାମ ପଞ୍ଚାୟତ ର ବିଦ୍ୟାଳୟ ର ଅବସ୍ଥା କଣ ହୋଇନଥିବ । ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ କଥା କଥା ରେ କହନ୍ତି ରାଜ୍ୟ ସରକାର ବିଦ୍ୟାଳୟ ଗୁଡ଼ିକ ପୁରା ସ୍ମାର୍ଟ କରି ଛିକ୍ ଚାକ୍ କରୁଛନ୍ତି। ଏଥିରୁ ସ୍ୱଷ୍ଟ ଜଣା ପଡୁଛି ଯେ ନାମକୁ ମାତ୍ର ଶିକ୍ଷା ବିଭାଗ କୁ ୫ଟି ରେ ସାମିଲ କରି ବାହାବା ମାରିବା ଛଡ଼ା ଆଉ କିଛି ନାହି,୫, ଟି ର ଗୋଟିଏ ଟି ମଧ୍ୟ ଏଠାରେ କାମ କରୁନାହିଁ ବୋଲି ଗ୍ରାମବାସୀ ସମେତ ବ୍ଲକ୍ ର ବୃଦ୍ଧି ଜିବୀ ଅଭିଯୋଗ କରିଛନ୍ତି।

# ବିଧାୟକ ଓ ବ୍ଲକ୍ ଜନ ପ୍ରତିନିଧିଙ୍କ ଝାଡା ବାନ୍ତି ପ୍ରବଣ ଗ୍ରାମକୁ ଗସ୍ତ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପୁଜାରୀଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାଡା ବାନ୍ତି ପ୍ରବଣ ଖୁଣ୍ଟିପଦର ୨ମୃତ ଓ ଲାମତାଗୁଡ଼ା ଗ୍ରାମ ପଞ୍ଚାୟତ ପଡ଼ାଆଉଳି ୨ମୃତ ହୋଇଥିବା ବେଳେ, ଖୁଣ୍ଟି ପଦର ଗ୍ରାମରେ ଗୋଟିଏ ପରିବାର ର ଗୋଟିଏ ଶିଶୁ ଅର୍ଥାତ୍ ସମ୍ପର୍କରେ ନାତି ଓ ଜେଜେ ବାପା ଭଣ୍ଡରୁ ସାନ୍ତା ଙ୍କ ପାଞ୍ଚ ଦିନ ମଧ୍ୟରେ ଗୋଟିଏ ପରିବାର ମଧ୍ୟରେ ୨ମୃତ୍ ହୋଇଛନ୍ତି। ଏହା ପରେ ଗ୍ରାମରେ ଝାଡା ବାନ୍ତି ରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆସି ଦିନ ରାତି ରହି ଚିକିତ୍ସା କରୁଥିଲେ ବି କେତକ ଚିକିତ୍ସାଳୟ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳୁଛି। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପଞ୍ଚାୟତ ରାଜ୍ ବିଭାଗ ତରଫରୁ ବିଭିନ୍ନ ସଚେତନ କଲେ ବି ଫୋଳ ପ୍ରଦ ହେଉନଥିବା ପରିଲକ୍ଷିତ ହେଉଛି। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଡକ୍ଟର ସମଲାଇ ପ୍ରସାଦ ପଣ୍ଡା ପୂଜାରୀଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ଲକ୍ ପ୍ରଶାସନିକ ଅଧିକାରୀ ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ,ବ୍ଲକ୍ କଂଗ୍ରେସ ଦଳର ବ୍ଲକ୍ ସଭାପତି ଏକ ଟିମି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡକ୍ଟର କାଳି ପ୍ରସାଦ ବେହେରା ସଂପୃକ୍ତ ଗ୍ରାମରେ ଗସ୍ତ କରି ମୃତ୍ୟୁ ପରିବାରଙ୍କୁ ତୁମର ସମାଜ ସଂସ୍କାର କେତେ ଦିନରେ କରୁଛ କହି ଚାଲିଗଲେ ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ଆଜି ପୁଣି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧକ୍ଷା ନିଳେନ୍ଦ୍ରୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,କୁତୁ ଶେଖର ସଗରିଆ, ସମେତ ବିଜେଡ଼ି ର ବ୍ଲକ୍ ସ୍ତରୀୟ, ନେତା ସଂପୃକ୍ତ ଝାଡା ବାନ୍ତି ପ୍ରବଣ ଗ୍ରାମ କୁ ଗସ୍ତ କରିଥିଲେ। ପୁଜାରିଗୁଡ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଅନାଦି ମାଝୀ ସଂପୂର୍ଣ୍ଣ ବିବରଣୀ ଟିକି ଟିକି କରି ବିଧାୟକ ଙ୍କୁ ଅବଗତ କରିଥିଲେ। ଆଲୋଚନା ସମୟରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ କୁମାର ଦାସ, ସନ୍ତୋସ ସାହୁ ମହିଳା ସ୍ୱାସ୍ଥ୍ୟ କର୍ମୀ ଆଶା ଅଙ୍ଗନଓ୍ୱାଡ଼ି ପୂର୍ବତନ ସରପଞ୍ଚ କୁମର ପୁଜାରୀ ମନ ସାନ୍ତା, ଚିତ ନାଗ ସୁଶୀଲ ସାନ୍ତା, ରାଜେନ୍ଦ୍ର ସାନ୍ତା, ବିଧାୟକ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ଝାଡା ବାନ୍ତି ହେଲେ ଲଜ୍ୟା ନ କରି ଗ୍ରାମର ମହିଳା ଓ ଯୁବକ ସଙ୍ଗ ର ସହାୟତାରେ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଛନ୍ତି। ପିଇବା ପାଇଁ ଗରମ ପାଣି ପିଇବାକୁ ପରାମର୍ଶ ଦେଇଥିଲେ। ଗ୍ରାମରେ ଶୁଦ୍ଧ ପାନୀୟ ଜଳ ପୂଜାରିଗୁଡ଼ା ସରପଞ୍ଚ ଯୋଗାଇ ଦେଇଥିବାରୁ ଭରି ଭରି ପ୍ରଶଂସା କରିଥିଲେ। ଶେଷରେ ବିଧାୟକ ସାବୁନ୍ ଓ ବିସ୍କୁଟ ଉପସ୍ଥିତି ଗ୍ରାମବାସୀଙ୍କୁ ବଣ୍ଟନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅହିଂସା ରଥ ପରିକ୍ରମା

ବରଗଡ : ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଦେଶ କୁ ବ୍ରିଟିଶ ଶାସନ ରୁ ମୁକ୍ତ କରିବାର ପ୍ରୟାସ ରେ ଝାସ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅହିଂସା ରଥ ସାରା ରାଜ୍ୟରେ ପରିକ୍ରମା କରୁଛି । ଏ ପରିପ୍ରେକ୍ଷୀରେ ଆସନ୍ତା ତା ୨୮.୦୮.୨୦୨୨ରିଖ ଠାରୁ ତା ୩୦.୦୮.୨୦୨୨ରିଖ ପର୍ଯ୍ୟନ୍ତ ଅହିଂସା ରଥ ବରଗଡ ଜିଲ୍ଲାର ବିଭିନ୍ନ ବ୍ଲକ,ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିକ୍ରମା କରିବ ।ଏହି କ୍ରମରେ ଅତାବିରା ବ୍ଲକର ଗୋଡଭଗା ଠାରେ ରଥ କୁ ଜିଲ୍ଲା ପ୍ରଶାସନ ଏବଂ ଜନସାଧାରଣ ସ୍ୱାଗତ କରିବା କାର୍ଯ୍ୟକ୍ରମ ଥିବାବେଳେ,ଏହି ରଥ ଅତାବିରା ବ୍ଲକର କୁଲୁଣ୍ଡା, ପରମାଣପୁର, ପାହାଡଶ୍ରୀଗିଡା, ଭଟଲି ବ୍ଲକ ର କମଗାଁ, ଭଟଲି, ଅମ୍ବାଭୋନା ର କେଦାରନାଥ, ଅମ୍ବାଭୋନା, ବରଗଡ ବ୍ଲକ ର ଅଡଗାଁ,ଖଣ୍ଡହତା, ଭେଡେନ ବ୍ଲକ ର ରେମଣ୍ଡା,ପପଙ୍ଗା , ଭେଡେନ, ବରଗଡ଼ ପୌରାଞ୍ଚଳ, ବରପାଲି, ବିଜେପୁର ବ୍ଲକ ର ସମଲେଇପଦର, ବିଜେପୁର,ପଡା, ଗାଇସିଲେଟ ବ୍ଲକ ର ଗୁଦେରପାଲି, କୁଣ୍ଡାଖାଇ, ଚାଣ୍ଟିପାଲି, ଗାଇସିଲେଟ, ଗନିଆପାଲି, ସୋହେଲା ବ୍ଲକ ର ପାଣିମୋରା, ସୋହେଲା,ଘେଁସ, ପଦ୍ମପୁର ର ଭେଉଁରିଆ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ,ପାଇକମାଲ ପବିତ୍ର ଶ୍ରୀଶ୍ରୀ ନୃସିଂହନାଥ, ଝାରବନ୍ଧ ବ୍ଲକ ଆଦି ଅଞ୍ଚଳ ପରିକ୍ରମା କରିବ। ଅହିଂସା ରଥ ପରିକ୍ରମା କରୁଥିବା ଅଞ୍ଚଳର ସମସ୍ତ ଜନସାଧାରଣ,ଜନ ପ୍ରତିନିଧି, ଶହୀଦ ପରିବାର ର ସଦସ୍ୟ, ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ ତଥା ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଏହି ଅମୃତ ମହୋତ୍ସବ ଅବସରରେ ଅହିଂସା ବାର୍ତ୍ତା ବାଣ୍ଟୁଥିବା ଅହିଂସା ରଥ କୁ ଭବ୍ୟ ସ୍ୱାଗତ କରିବା ସହିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଉଛି ବୋଲି ବରଗଡ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ କଲ୍ୟାଣୀ ଦାଶ ସୂଚନା ପ୍ରଦାନ କରିଛନ୍ତି।

# ନିଖିଳ ଓଡ଼ିଶା ଅଙ୍ଗନଓ୍ୱାଡ଼ି ସଂଘ ସାନଖେମୁଣ୍ଡିରେ ତୃତୀୟ ବାର୍ଷିକ ସମ୍ମିଳନୀ




ସାନଖେମୁଣ୍ଡି : ଅଲ୍ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସ ( ଏ ଆଇ ଟି ୟୁ ସି ) ଅନୁବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନଓ୍ୱାଡ଼ି କର୍ମୀସଂଘ ସାନଖେମୁଣ୍ଡି ପ୍ରକଳ୍ପ କମିଟିର ତୃତୀୟ ବାର୍ଷିକ ସମ୍ମିଳନୀ ଆଜି ମହାନଳା ସ୍ଥିତ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସମସ୍ତ କର୍ମୀ ଓ ସହାୟିକାଙ୍କ ସମାବେଶରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରକଳ୍ପ କମିଟି ସଭାନେତ୍ରୀ ଶ୍ରୀମତୀ ମିତା କୁମାରୀ ମିଶ୍ର ପୌରହିତ୍ୟ କରିଥିବା ବେଳେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଏବଂ କୋଷାଧକ୍ଷା ସୌଦାମିନୀ ଦାସ ଯୋଗଦେଇଥିଲେ । ଆୟୋଜିତ ସଂଘ ଆଲୋଚନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ଅପଭ୍ରଂଶ ସହିତ ପରିବର୍ତ୍ତିତ ଯୋଜନା କାର୍ଯ୍ୟଶୈଳୀକୁ ନେଇ ତର୍ଜମା କରାଯାଇଥିଲା । ତୃଣମୂଳ ସ୍ତରରେ ସମାଜ ଏବଂ ସରକାରଙ୍କୁ ସେବା ଯୋଗାଉଥିବା ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ସରକାରଙ୍କ ଅଣଦେଖାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା । କର୍ମୀ ଓ ସହାୟିକାଙ୍କ ସର୍ବନିମ୍ନ ପାରିତୋଷିକ ବୃଦ୍ଧି , ଦରବୃଦ୍ଧିକୁ ଦୃଷ୍ଟିଦେଇ ରନ୍ଧନ ଖିଦ୍ୟମୂଲ୍ୟ ବୃଦ୍ଧି , ସାମାଜିକ ସୁରକ୍ଷା ପ୍ରଦାନ ସହିତ ପ୍ରକଳ୍ପ ସ୍ତରରେ କର୍ମୀଙ୍କ ପ୍ରତି କରାଯାଉଥିବା ଉଦ୍ଦେଶ୍ୟ ମୂଳକ କାର୍ଯ୍ୟାନୁଷ୍ଠାନ ନେଇ ତର୍ଜମା କରାଯାଇଥିଲା । ଏବଂ ଆସନ୍ତା ଦିନରେ ଯୋଜନାର ସଫଳ ରୂପାୟନରେ ବାଧକ ସାଜୁଥିବା ତତ୍ୱଙ୍କ ପ୍ରତି ସଂଘ ମାଧ୍ୟମରେ ଦୃଢ଼ ଜବାବ ଦେବାକୁ ନିଷ୍ପତି ନିଆଯାଇଥିଲା । ଆୟୋଜିତ ସମ୍ମିଳନୀରେ ସଦସ୍ୟଙ୍କ ସମ୍ମତିରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସଭାନେତ୍ରୀ ଭାବରେ ମିତା କୁମାରୀ ମିଶ୍ର ,ସମ୍ପାଦିକା ସୁଷମା ପ୍ରଧାନ , କୋଷାଧକ୍ଷା ଭାବରେ ବନିତା କୁମାରୀ ରଥଙ୍କ ସହ ଉପଦେଷ୍ଟା ସଦସ୍ୟ ଭାବେ କର୍ମୀ ରଶ୍ମିତା କୁମାରୀ ସାହୁ , ବେଦମତି ରଥ , ରୀନା ପଟ୍ଟନାୟକ , ପାପା ପ୍ରଧାନ ମନୋନୀତ କରାଯାଇଥିବା ବେଳେ ରେଣୁବାଳା ପଟ୍ଟନାୟକ ,କାମିନୀ ସାହୁ ଏବଂ ଡ଼ମୁଣି ସାହୁଙ୍କୁ ସହାୟିକା ପ୍ରତିନିଧି ଭାବେ ଚୟନ କରାଯାଇଥିଲା ।

# ସାଇପାଲି ଏବଂ ଖରମୁଣ୍ଡାଠାରେ ଜନ ଆରୋଗ୍ୟ ସମିତିର ବୈଠକ



ବିରଗଡ : ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ସାଇପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଜିଲ୍ଲାପରିଷଦ ସଭ୍ୟ ଶ୍ରୀମାନ ସୁଦାମ ଚରଣ ସାହୁ ଙ୍କ ସଭାପତିତ୍ୱରେ ଜନ ଆରୋଗ୍ୟ ସମିତି ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ମେଡିକାଲ ଅଫିସର ଡାକ୍ତର ସୁଶାନ୍ତ ମେହେର ପ୍ରାରମ୍ଭେ ଖରମୁଣ୍ଡା ରେ ଅନୁଷ୍ଠିତ ବୈଠକରେ ଯୋଗଦାନ କରି ଜନ ଆରୋଗ୍ୟ ସମିତି ର ଲକ୍ଷ ଓ ଉଦ୍ଦେଶ୍ୟ ତଥା ସମିତି ରେ ଜଡିତ ଥିବା ସଭ୍ୟ ସଭ୍ୟା ଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକ ରେ ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଶ୍ୱିନୀ ଭୋଇ ବର୍ଷ ତମାମ ର ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ।ଠିକ ସେଭଳି ସାଇପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନୁଷ୍ଠିତ ବୈଠକରେ ରେ ମଧ ଜିଲ୍ଲାପରିଷଦ ସଭ୍ୟ ଶ୍ରୀମାନ ସାହୁ ସଭାପତିତ୍ୱରେ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ଅଭୟ ପଣ୍ଡା ଙ୍କ ସଂଯୋଜନା ରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବୈଠକ ରେ ବିଜେପୁର ସି.ଏଚ.ସି ର ମେଡିକାଲ ଅଫିସର ଡାକ୍ତର ମେହେର ଉପସ୍ଥିତ ସଭ୍ୟସଭ୍ୟାଙ୍କୁ ଜନ ଆରୋଗ୍ୟ ସମିତି ର ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଏହାର ଲକ୍ଷ ଏବଂ ଉଦ୍ଦେଶ୍ୟ ଉପରେ ପ୍ରାଞ୍ଜଳ ଭାବ ବୁଝାଇଥିଲେ । ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ବି.ପି.ଏମ ଶ୍ରୀମାନ ସୁବାଷ ନନ୍ଦ,ଖରମୁଣ୍ଡା ଫାର୍ମାସିଷ୍ଟ ଶ୍ରୀମାନ ଅନିଲ ପଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀମାନ ରଞ୍ଜିତ ବେହେରା, ଆଇ.ସି.ଡି.ଏସ ସୁପରଭାଇଜର ଶ୍ରୀମତୀ ଶୈଳେନ୍ଦ୍ରୀ ପଧାନ , ସମସ୍ତ ଅଙ୍ଗନବାଡ଼ି କର୍ମୀ, ଅଞ୍ଚଳ ର ଆଶା କର୍ମୀ ସମେତ ଅନେକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼: ଆଜି ବରଗଡ ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ର ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମୋନିଷା ବାନାର୍ଜୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ କମିଟି ର ସମସ୍ତ ୧୫୦ଜଣ ସଦସ୍ୟ ଙ୍କୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ ଏହି ବୈଠକ ଅପରାହ୍ନ ୫ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ଓଡ଼ିଶା ର ମାନ୍ୟବର ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ବରଗଡ଼ ପୌରପରିଷଦ ଅଧକ୍ଷା କଳ୍ପନା ମାଝୀ, ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଜିଲ୍ଲାପାଳ ନବୀନ କୁମାର ପଟେଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ କୃତିବାସ ରାଉତ ଓ ଧନୁଯାତ୍ରା ମହୋତ୍ସବ କମିଟି ର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକାରୀ କମିଟିର ସଦସ୍ୟ, ଆବାହକ ତଥା ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଗାମୀ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା କୁ କିପରି ସୁନ୍ଦର ଓ ଆକର୍ଷଣୀୟ ଭାବରେ ପାଳନ କରାଯିବ ସେ ନେଇ ପ୍ରସ୍ତାବ ମାନ ଆଗତ କରାଗଲା । ପ୍ରାରମ୍ଭରେ ଧନୁଯାତ୍ରା କଳାକାର, କମିଟି ର ବରିଷ୍ଠ ସଦସ୍ୟ



ଯେଉଁ ମାନେ ଇତିମଧ୍ୟରେ ଇହଧାମ ତ୍ୟାଗ କରିଛନ୍ତି ସେମାନଙ୍କ ଉଦ୍ଦେଶ୍ୟ ରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଜିଲ୍ଲାପାଳ ମ୍ୟାଡମ ଆଗାମୀ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ର ତାରିଖ ଡିସେମ୍ବର- ୨୭. (୨୦୨୨) ଠାରୁ ଜାନୁଆରୀ -୬ (୨୦୨୩) ପର୍ଯ୍ୟନ୍ତ ହେବାର ନିଷ୍ପତ୍ତି ଘୋଷଣା କରିଥିଲେ।

## ୧୧ ମଦୁଆ ଗାଡ଼ି ଚାଳକଙ୍କ ନାମରେ ମାମଲା

ବ୍ରହ୍ମପୁର : ବ୍ରହ୍ମପୁର ଟ୍ରାଫିକ୍ ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରି ଅମାନିଆ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ତଥାପି ଲୋକ ସଚେତନତା ହେଉନଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବିଭିନ୍ନ ଥାନା ପକ୍ଷରୁ ସହରର ବିଭିନ୍ନ ଛକରେ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ ହୋଇଥିଲା। ବିଭିନ୍ନ ଛକରେ କଡ଼ାଯାଞ୍ଚ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ଆଜି ବୈଦ୍ୟନାଥପୁର ଥାନା ପକ୍ଷରୁ ଲାଞ୍ଜିପଲ୍ଲୀ ଓଭର ବ୍ରିଜ୍ ଠାରେ ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ଗାଡ଼ି ଚାଳକଙ୍କୁ ଅଟକାଇ ମଦୁଆଙ୍କ ପାଟିରେ ମଦ ଟେଷ୍ଟିଂ ମେସିନ ଦେଇ ପରୀକ୍ଷା କରାଯାଇଥିଲା। ଏହି ଥାନା ପକ୍ଷରୁ ମଦ ପିଇ ଗାଡ଼ି ଚଳାଉଥିବା ୨ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେପରି ଟ୍ରାଫିକ୍ ଥାନା ପକ୍ଷରୁ ଅର୍ଣ୍ଣପୂର୍ଣ୍ଣା ମାର୍କେଟ ଏବଂ ବିଶାଲ୍‌ଛକ ଏବଂ ରାମ ଲିଙ୍ଗେଶ୍ୱର ପାର୍କ ଠାରେ ମଦୁଆ ଗାଡ଼ି ଚାଳକଙ୍କ ପାଟିରେ ମଦ ଟେଷ୍ଟିଂ ମେସିନ ଦେଇ ପରୀକ୍ଷା କରାଯାଇଥିଲା। ଟ୍ରାଫିକ୍ ଥାନା ପକ୍ଷରୁ ୩ଟି ମାମଲା ରୁଜୁ ହୋଇଛି। ସେହିପରି ବଡ଼ବଜାର ଥାନା ପକ୍ଷରୁ ଆସ୍କାରୋଡ଼, ହରିଡ଼ାଖଣ୍ଡି ପେଟ୍ରୋଲ ପମ୍ପ ଛକ, ଫାଷ୍ଟଗେଟ୍ ଛକରେ ଯାଞ୍ଚ କରି ୨ଜଣ ମଦୁଆଙ୍କ ନାରେ ମାମଲା ରୁଜୁ କରାଯାଇଛି। ଟାଉନ ଥାନା ପକ୍ଷରୁ ରାମଲିଙ୍ଗେଶ୍ୱର ପାର୍କ, ଥାନା ସମ୍ମୁଖରେ ଯାଞ୍ଚ କରି ୨ଜଣ ମଦୁଆଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ସେପରି ସଦର ଥାନା ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ଉପରୋକ୍ତ ୫ଟି ଥାନା ପକ୍ଷରୁ ମୋଟ ୧୧ଜଣ ମଦୁଆଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## କୋଣାର୍କ ବେଳାଭୂମି ସମୁଦ୍ର କୂଳରେ ପଡିଛି ମଣିଷ କଙ୍କାଳ

ପୁରୀ : କୋଣାର୍କ ବେଳାଭୂମି ସମୁଦ୍ର କୂଳରେ ପଡିଛି ମଣିଷ କଙ୍କାଳ। ନୂଆନଇ ମୁହାଣ ଠାରୁ ରାମଚଣ୍ଡୀ ନଇ ମୁହାଣ ମଧ୍ୟରେ ପଡି ରହିଛି ଏହି କଙ୍କାଳ। ଖବର ପାଇ ଘଟଣାସ୍ଥଳରେ ମେରାଇନ ଥାନା ପୋଲିସ ପହ ତଦନ୍ତ ଆରମ୍ଭ କରିଛି। ତେବେ ଏହି କଙ୍କାଳ କାହାର ସେନେଇ ସ୍ପଷ୍ଟ ହୋଇନାହିଁ। କଙ୍କାଳ ପାଖରେ ଏକ ପ୍ୟାଣ୍ଟ ପଡିଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ପୋଲିସ କଙ୍କାଳ କୁ ଉଦ୍ଧାର କରି ଘଟଣାର ତଦନ୍ତ ଆରଂଭ କରିଚି।

# ଝାଡ଼ାବାନ୍ତି ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



ଜୟପୁର୨୫।୮(ବି.ପ୍ର):ବୋରିଗୁମ୍ମା ବ୍ଲକ ର ଉପାନ୍ତ ଅଞ୍ଚଳ ରେ ବ୍ୟାପୁଛି ଝାଡ଼ାବାନ୍ତି। ଡମ୍ଵ ତୁରୁଞ୍ଜି ଗାଁ ରେ ଉଗ୍ର ରୂପ ନେଉଛି ଡାଇରୀୟା।ଦୁଇ ସପ୍ତାହ ମଧ୍ୟରେ ଦୁଇ ବୃଦ୍ଧା ଙ୍କ ମୃତ୍ୟୁ ଘଟିଥିବା ବେଳର ଏବେବି ୨୦ରୁ ଉର୍ଦ୍ଧ ଆକ୍ରାନ୍ତ ହୋଇଛନ୍ତି ।ଗାଆଁ ରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଟିମ ଟେଣ୍ଟ ମାରି ଅସ୍ତାଇ ସେବା ଚଲାଇଛି ।ଗତକାଲି ଜିଲା ମୁଖ୍ୟ ଚିକତ୍ସା ଅଧିକାରୀ ଗସ୍ତ କରି ଥିବା ବେଳେ ଆଜି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି ଭରା ନଇଁ ରେ ବୋଟ ଜୋଗେ ଗାଁ ରେ ପହ ରୋଗୀ ଏବଂ ଗାଁ ଲୋକଙ୍କ ସହ ଆଲୋଚନା କରିଛନ୍ତି। ମୃତ ମହିଳା ଙ୍କ ପରିବାର କୁ ୫୦୦୦ଟଙ୍କା ର ଆର୍ଥିକ ସହାୟତା ଦେଇଥିବା ବେଳେ ପ୍ରତ୍ୟକ ପରିବାର କୁ ଟାରପାଲ,ଚୁଡା ,ଚାଉଳ ଆଳୁ ପିଆଜ ତେଲେ ଭଳି ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି ।ବିଧାୟକ ଙ୍କ ସହ ବୋରିଗୁମ୍ମା ବିଡ଼ିଓ ,ସକାରୀ ଯନ୍ତ୍ରୀ ସ୍ଥାନୀୟ ସରପଞ୍ଚ ଏବଂ ବ୍ଲକ କଂଗ୍ରେସ ସଭାପତି ଅଶୋକ ଗନ୍ତାୟତ ଉପସ୍ଥିତ ଥିଲେ।

# ୟୁବତୀଙ୍କୁ ଗଳାକାଟି ହତ୍ୟା, ମୁଣ୍ଡ ବିହୀନ ଶବ ଉଦ୍ଧାର କଲା ପୁଲିସ

ଟିଟିଲାଗଡ଼ : ସଇଁନ୍ତଲା ବ୍ଲକ କୁଇକେଡା ପଞ୍ଚାୟତ ସ୍ଥିତ ସ୍ଥାନୀୟ କମରଲଗା ଲାଂଥ ନଦୀ କୂଳରେ ଆଜି ସକାଳୁ ସ୍ଥାନୀୟ ଲୋକ ଗାଧେଇବା ପାଇଁ ଯାଇ ଥିବା ବେଳେ ଏକ ଶବ ଭାସୁଥିବା ନେଇ ଦେଖିବାକୁ ପାଇଥିଲେ। ଏବଂ ନଦୀ କୂଳରେ ପ୍ରବଳ ଶକ୍ତ ଧାର ବୋହି ଥିବା ଦେଖିବାକୁ ପାଇବା ପରେ ହତ୍ୟା ହୋଇ ଥିବା ସନ୍ଦେହ କରିଥିଲେ।ପରେ ପୁଲିସ କୁ ଖବର ଦେବା ପରେ ସଇଁନ୍ତଲା ଥାନା ଅଧିକାରୀ ଅନୀ ସାହୁ,ବଡ଼ମାଲ ଫାଣ୍ଡି ଅଧିକାରୀ ଶ୍ରୀଯୁକ୍ତ ମାଝୀ, ଏସଆଇ ସଂଗୀତା ବେଙ୍କ ଘଟଣା ସ୍ଥାନରେ ପହ ଶବକୁ ଦେଖିବାକୁ ପାଇଥିଲେ।ଘଟଣା ସ୍ଥାନରେ ସ୍ଥାନୀୟ ଅଗ୍ନି ବାହିନୀ ବିଭାଗ ଓ ବଲାଙ୍ଗିର ସାଇଣ୍ଟିଫିକ ଟିମ,ଟିଟିଲାଗଡ଼ ଏଡ଼ସିପିଓ ସୁରେନ୍ଦ୍ର ନାଥ ଶତପଥି, ଟିଟିଲାଗଡ଼ ଥାନା ଅଧିକାରୀ ରଞ୍ଜନ ବରିହା,ମୁରିବାହାଲ ଥାନା ଅଧିକାରୀ ପହଞ୍ଚ ପରେ ଶବ କୁ ନଦୀ ଭୀତରୁ ଉଦ୍ଧାର କରିଥିବା ବେଳେ ଯୁବତୀ ଙ୍କ ମୁଣ୍ଡ ବିହୀନ ଶବ କୁ ଦେଖିବାକୁ ମିଳିଥିଲା।ସୂଚନା ଯୁବତୀଙ୍କ ବୟସ ପ୍ରାୟ ୨୦-୨୫ ବର୍ଷ ଭିତରେ ହେବ।ଦୁଇଟି ଗୋଡ଼ରେ କଳା ରଙ୍ଗର ରସି ମଧ୍ୟ ଲାଗିଛି।"କଳା ରଙ୍ଗର ପେଣ୍ଟ ଓ ସାର୍ଟ ଯୁବତୀ ପିନ୍ଧିଥିବା ବେଳେ ଗଳା ବିଳମ୍ବିତ ରାତିରେ ଗଳାକାଟି ହତ୍ୟା କରାଯାଇ ଥିବା ବେଳେ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି।ଯୁବତୀ ଙ୍କ ପରିଚୟ ମଧ ମିଳି ପାରି ନାହିଁ।କିଏ ଓ କେଉଁ କାରଣ ରୁ ଏଭଳି ନିର୍ମମ ଭାବେ ଗଲା କାଟି ହତ୍ୟା କଲା ତାହାକୁ ନେଇ ଘଟଣା ସମ୍ପର୍କରେ ପୁଲିସ ଛାନଭିନ ଆରମ୍ଭ କରିଛି।

# ଫୋନ ଲୁଟେରା ଗିରଫ

ନିରାକାରପୁର : ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳବାଇ ପୋଲିସ ଅଧିନ ବାଲୁଗାଁ ଷ୍ଟେସନ ରେ ପୋଲିସ ଚଢ଼ାଉ କରି ଜଣେ ମୋବାଇଲ ଲୁଟେରା କୁ ଗିରଫ କରିଛି। ସୁଚନା ଅନୁଯାୟୀ ନିରାକାରପୁର ଜିଆରପି ଫାଣ୍ଡି ଅଧିକାରୀଣି ଇନ୍ଦୁ ମତି ଶୁକ୍ଳା ଓ ଖୋର୍ଦ୍ଧା ରୋଡ଼ ଆରପିଏଫ ଙ୍କ ମିଳିତ ଉଦ୍ୟମ ରେ ବାଲୁଗାଁ ଷ୍ଟେସନ ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ଲୁଟେରା କୁ ଗିରଫ କରିବା ସହ ତା ନିକଟରୁ ୨ଟି ମୋବାଇଲ ଫୋନ ଜବତ କରିଛି ।ଜଣେ ବ୍ୟକ୍ତି ଶ୍ରୀକାକୁଲମ ରୁ ଭୁବନେଶ୍ୱର ଜାଉଥିବା ବେଳେ ଲୁଟେରା ଜଣଙ୍କ ସୁଯୋଗ ଉଣ୍ଡି ଜୁବକ ଜଣଙ୍କ ଠାରୁ ମୋବାଇଲ ଲୁଟ କରିଥିଲା।ଜୁବକ ଜଣଙ୍କ ଜିଆପି ପୋଲିସ କୁ ଅଭିଯୋଗ କରିବା ପରେ ପୋଲିସ ଅଚାନକ ବାଲୁଗାଁ ଷ୍ଟେସନ ରେ ଚଢ଼ାଉ କରି ମୋବାଇଲ ଲୁଟେରା କୁ ଗିରଫ କରିଛି। ଲୁଟେରା ଜଣଙ୍କ ଗଞ୍ଜାମ ଭଞ୍ଜନଗର ଥାନା ଅଞ୍ଚଳର କାହ୍ନା ସାହୁ ଗିରଫ ବ୍ୟକ୍ତି ଙ୍କ ବିରୋଧରେ ଜିଆରପି ଫାଣ୍ଡିରେ ୧୧୨/୨୨ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ତଦନ୍ତ କାରି ଅଧିକାରିଣୀ ଇନ୍ଦୁ ମତି ଶୁକ୍ଳା ସୁଚନା ଦେଇଛନ୍ତି।

# କନକ ନିଆଳର ମୃତ୍ୟୁ ଘଟଣାର ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ବିଜେପିର ଅନୁସୂଚିତ ମହିଳା ମୋର୍ଚ୍ଚା

ଗୋଲାମୁଣ୍ଡା : ଗତ ଶୋହଳ ତାରିଖ ଦିନ ଘୋଟିଆ ଗ୍ରାମର ସ୍କୁଲ ଛାତ୍ରୀ କନକ ନିଆଳର ମୃତ୍ୟୁ ଘଟଣାରେ ସମ୍ପୃକ୍ତି ଥିବା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାକୁ ଅନେକ ସଙ୍ଗଠନ ଦ୍ୱାରା ରାସ୍ତା ରୋକ କରାଯାଇଥିଲା । ଗତ ୨୨/୮ରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ୬ ଘଣ୍ଟା ଧରି ବନ୍ଦ ପାଳନ କରାଯାଇଥିବା ବେଳେ ଗୋଲାମୁଣ୍ଡା ପୋଲିସ ଅଟକ ରଖିଥିବା ୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଏହି ଘଟଣାରେ ଆଉ କିଛି ଲୋକ ସମ୍ପୃକ୍ତ ଥାଇ ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଆଜି ଜୁନାଗଡ଼ ପୂର୍ବତନ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ସୁଧୀର ପଟ୍ଟଯୋଶୀ,ନିରୂପମା ନାଏକ ସେନାପତି ମଲିକ ବୈଶାଖୁ କେତକୀ ଙ୍କ ନେତୃତ୍ୱରେ କଳାହାଣ୍ଡି ବିଜେପି ଅନୁସୂଚିତ ମହିଳା ମୋର୍ଚ୍ଚା ତରଫରୁ ସିବିଆଇ ତଦନ୍ତ ଦାବି ପାଇଁ ଗୋଲାମୁଣ୍ଡା



ଥାନା କୁ ଘେରାଉ କରାଯାଇଥିବା ଜଣାପଡ଼ିଛି । ମୃତକ କନକ ନିଆଳଙ୍କୁ ନ୍ୟାୟ ମିଳିବା ସହ ପରିବାର ପକ୍ଷଙ୍କୁ ସହାୟିତା ରାଶି ପ୍ରଦାନ ପାଇଁ ଦାବି କରିଛି ବିଜେପି ମହିଳା ମୋର୍ଚ୍ଚା । ଏହି ପ୍ରତିବାଦ ସଭାରେ ଶହ ଶହ ସଂଖ୍ୟାରେ ବିଜେପି ଅନୁସୂଚିତ ମହିଳା ମୋର୍ଚ୍ଚାର କର୍ମୀ ଯୋଗ ଦେଇଥିବା ଜଣାପଡିଛି ।

## ଭାରଉତ୍ତୋଳନରେ ରାଜ୍ୟସ୍ତରରେ ୨ୟ ସ୍ଥାନ ରଖିଲେ ବିଶ୍ୱରଞ୍ଜନ ବାଗ, ଗ୍ରାମାଞ୍ଚଳର ଯୁବକ କମାଲ ଦେଖାଇଲେ ରାଜଧାନୀରେ




କଣ୍ଟାବାଞ୍ଜି ୦୨/୯(ନି.ପ୍ର): ରାଜ୍ୟ ସ୍ତରୀୟ ଭାର ଉତୋଳନ ଚମ୍ପିୟାନସିପ ପ୍ରତି ଯୋଗିତା ଗତ ତା ୧୯ ରୁ ୨୧ ସଙ୍ଘ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ଓଡିଶାର ପ୍ରତି ଜିଲ୍ଲା ରୁ ବହୁ ପ୍ରତିଯୋଗି ଭାଗ ନେଇଥିଲେ । ବଲାଙ୍ଗୀର ଜିଲ୍ଲା ୧୩ ଗୋଟି ସ୍ୱର୍ଣ୍ଣ ୭ ଗୋଟି ରୌପ୍ୟ ଓ ୬ ଗୋଟି କାସ୍ୟ ପଦକ ହାସଲ କରିଛି । ଏହି ପ୍ରତିଯୋଗିତା ରେ ୯୦ କିଲୋ ବର୍ଗରେ ଲେବଡ଼ା ମହାବୀର ଜିମ୍ନାଜୀୟମ ରୁ ପ୍ରତିଯୋଗି ମାନେ ଅଂଶ ଗ୍ରହଣ କରିଥିବା ବେଳେ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମଲକାସଡା ଗ୍ରାମ ରୁ ଶ୍ରୀ ବିଶ୍ୱରଞ୍ଜନ ବାଗ ? ?ରୌପ୍ୟ ପଦକ ହାସଲ କରି ୨ୟ ସ୍ଥାନ ରଖିଛନ୍ତି । ଏଥି ସହ ଆସନ୍ତା ସେପଟ୍ମ୍ବେର ୨୨ତାରିଖରେ ଶ୍ରୀ ବାଗ ଜାତୀୟ ସ୍ତର ରେ ହେବାକୁ ଯାଉଥିବା ନ୍ୟାସନାଲ ସ୍ପୋର୍ଟସ ଫେଡରେସନ ତରଫରୁ ଭାର ଉତ୍ତୋଳନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ ପାଇଁ ଚୟନ ହୋଇଛନ୍ତି । ଏହାକୁ ନେଇଁ ଗାଁ ର ଯୁବକ ଗୁଡ଼ିକ ମଧରେ ଉତ୍ସାହ ଖେଳିଯାଇଛି, ଶ୍ରୀ ବାଗ ନିଜ ଗ୍ରାମ କୁ ପହଞ୍ଚିଲା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି । ଏପରି କି ସହରାଞ୍ଚଳ ରେ ଅତ୍ୟାଧୁନିକ ଜିମ୍ନାଜୀୟମ ଗୁଡ଼ିକ ଥିବା ସ୍ୱତେ ଗ୍ରାମାଞ୍ଚଳ ରୁ ଅଂଶ ଗ୍ରହଣ କରି ପ୍ରତିଯୋଗିତା ଲାଭ କରିବା ଅନେକ ଯୁବକ ଙ୍କ ପ୍ରେରଣା ସ୍ରୋତ ପାଲଟିଛନ୍ତି ଶ୍ରୀ ବିଶ୍ୱ ରଞ୍ଜନ ବାଗ । ଆମ ପ୍ରତିନିଧି ଙ୍କ ସାକ୍ଷାତକାର ରେ ଶ୍ରୀ ବାଗ ଆଗକୁ ଆହୁରି ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡିକରେ ଅଂଶ ଗ୍ରହଣ କରି ଦେଶ ବିଦେଶରେ ରାଜ୍ୟ ପାଇଁ ସୁନାମ ଆଣିବା କୁ ଇଛା ପ୍ରକାଶ କରିବା ସହ ନିଜ ଅଞ୍ଚଳ ର ଯୁବ ପିଢ଼ି କୁ ସୁସ୍ଥ ସବଳ ସମାଜ ଗଠନ ପାଇଁ ଆହ୍ୱାନ କରିଛନ୍ତି ।

## ବିଘ୍ନ ବିନାଶକ ଅଗ୍ର ପୂଜ୍ୟ ବିଦ୍ୟା ଦାୟକ ଶ୍ରୀ ଗଣେଶଙ୍କର ଲକ୍ଷେ ଆଠ ବିଗ୍ରହ ସ୍ଥାପନା



ବିଘ୍ନ ବିନାଶକ ଅଗ୍ର ପୂଜ୍ୟ ବିଦ୍ୟା ଦାୟକ ଶ୍ରୀ ଗଣେଶଙ୍କର ଲକ୍ଷେ ଆଠ ବିଗ୍ରହ ସ୍ଥାପନା କରି ବିଦ୍ୟାର୍ଥୀଙ୍କ ବୌଦ୍ଧିକ, ମାନସିକ ଓ ଚରିତ୍ରର ଉତ୍ତମ ବିକାଶ ପାଇଁ ସିଦ୍ଧିକ୍ଷେତ୍ର ନିର୍ମାଣ ଉଦ୍ଦେଶ୍ୟରେ ମମ୍ ସ୍କୁଲର ପ୍ରତିଷ୍ଠାତା ଶ୍ରୀ ପ୍ରଣବ କୁମାର ରଥଙ୍କ ବିଶୁଦ୍ଧ ସଂକଳ୍ପ କ୍ରମେ ୨୦୧୨ ମସିହାଠାରୁ ଏହି ବିରଳ ପୂଜା ଅନୁଷ୍ଠିତ ହୋଇଆସୁଛି । ଯାହାକି ବିଭିନ୍ନ ଧାତୁ ଓ ଉପକରଣର ଗଢା ତିରିଶି ହଜାର ବିଗ୍ରହ ସ୍ଥାପନା କରାଯାଇପାରିଛି । ମହାମାରୀ ର ମହା ପ୍ରକୋପରେ ଦୀର୍ଘ ଦୁଇ ବର୍ଷ କାଳ ଶ୍ରୀ ଗଣେଶ ଙ୍କର ପୂଜା ଯାକ ଜମକରେ ହୋଇ ପାରୁନଥିଲା । ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଆସି ଶ୍ରୀ ଗଣେଶ ଙ୍କର ଅର୍ଶ୍ରିବାଦ ଗ୍ରହଣ କରି ପାରୁନଥିଲେ ଏଥିପାଇଁ ପିଲାଙ୍କ ମନରେ ଅନେକ ଦୁଃଖ ଥିଲା କିନ୍ତୁ ଏହି ବର୍ଷ ଭାଗବାନ ଙ୍କ କୃପା ରୁ ମହାମାରୀ ର ପ୍ରକୋପ ଆଉ ନାହିଁ ତେଣୁ ସବୁ ସ୍ଥାନରେ ସାହି ସାହି ଗଳି କନ୍ଦି ଏବଂ ପ୍ରତ୍ୟେକ ବିଦ୍ୟାଳୟ ରେ ଶ୍ରୀ ଗଣେଶ ଙ୍କ ପୂଜାର୍ଚ୍ଚନା କରା ଯିବ ।ଏଥିପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଆୟୋଜନ କରାଯାଇଛି ।ଏହାକୁ ନେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଶିକ୍ଷୟତ୍ରୀ କର୍ମଚାରୀ ମାନଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଛି । ପ୍ରଭୁ ଗଣେଶ ହେଉଛନ୍ତି ସ୍ମୃତିର ପ୍ରତିକ ଏବଂ ମମ୍ ସ୍କୁଲ ବିଦ୍ୟାର୍ଥୀ ମାନଙ୍କ ମଧରେ ଅୟୁତ ପ୍ରକ୍ରିୟାରେ ସ୍ମୃତି ଶକ୍ତି ଜାଗ୍ରତ ହୋଇପାରିଛି । ଏଣୁ ସମସ୍ତଙ୍କର ବିଶ୍ୱାସ ଯେ ପ୍ରତ୍ୟକ୍ଷ ଗଣେଶଙ୍କର ଆବିର୍ଭାବ ହୋଇଛି । ଆଜି ପ୍ରଭୁଙ୍କର ହଜାର ହଜାର ରୂପ ଦର୍ଶନ କରିବା ପାଇଁ ଆଖ ପାଖ ଗାଁ , ସହର , ଜିଲ୍ଲା ଓ ରାଜ୍ୟ ବାହାରୁ ମଧ ଦର୍ଶକଙ୍କ ଭିଡ଼ ଜମିଛି । ଯାହାକି ଆସ୍କା ସହରର ଗୌରବ ବଢ଼ାଇ ଦେଇଛି । ମମ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥୀ ମାନେ ଅକ୍ଲାନ୍ତ ପରିଶ୍ରମ କରି ଅତି ମନୋରମ ଭାବରେ ସଜାଇ ଦର୍ଶକ ମାନଙ୍କ ମନରେ ଭାବ ଜାଗରଣ କରିପାରିଛନ୍ତି ।

## ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଠାରେ ଅହିଂସା ରଥ କୁ ଭବ୍ୟ ସ୍ୱାଗତ

ଖପ୍ରାଖୋଲ ୦୨/୯(ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ସାରା ଦେଶରେ ଅହିଂସା ରଥ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ରେ ବଳୀ ଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେ ପକେଇବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଅବସରରେ ଅହିଂସା ରଥ ବୁଧବାର ଖପ୍ରାଖୋଲ ରେ ପହଞ୍ଚି ଥିଲା । ଅହିଂସା ରଥ କୁ ପ୍ରଶାସନ ତରଫରୁ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଠାରେ ଭବ୍ୟ ସ୍ୱାଗତ କରା ଯାଇଥିଲା । ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ ପରିବେଷିତ ହେବାସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଲ ଇ ଡି ମାଧ୍ୟମ ରେ ସ୍ୱାଧିନତା ସଂଗ୍ରାମୀ ଙ୍କ ସଂକ୍ଷିପ୍ତ ଜୀବନୀ ପ୍ରଦର୍ଶିତ ହୋଇଥିଲା । ସ୍ୱାଗତ ଅବସରରେ ପଟଣାଗଡ଼ ବିଧାୟକ ସରୋଜ କୁମାର ମେହେର , ଖପ୍ରାଖୋଲ ବିଡ଼ିଓ ଭୀମସେନ କହଁର , ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର , ସ୍କୁଲ ପ୍ରଧାନ ଶିକ୍ଷକ ଇସପାଲ୍ ସୁନା , ଏଡିପିଆରଓ ସଂଜୀବ କୁମାର ମହାନ୍ତି , ଅହିଂସା ରଥ ରାଜ୍ୟ ସଂଯୋଜକ ତପେଶ୍ୱର ଜଗତ , ଅପରେଟର ଅଜୟ କୁମାର ସିଂହ ,ପିଣ୍ଟୁ କୁମାର ସମେତ ସ୍କୁଲ ଶିକ୍ଷୟତ୍ରୀ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି , ଏସଏଚଜି ମହିଳା, ଛାତ୍ରୀ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପୌର ପରିଷଦ ସୁନାବେଡା ରେ ସ୍ୱୟତ ଶାସନ ଦିବସ ପାଳିତ

ସୁନାବେଡା, ୦୨/୯(ନି.ପ୍ର): ସୁନାବେଡ଼ା ପୌରପରିଷଦ ଆନୁକୂଲ୍ୟରେ ବୁଧବାର ଦିନ ପରିଷଦ କାର୍ଯ୍ୟାଳୟ ପରିସରରେ ' ସ୍ୱାୟତ୍ତ ଶାସନ ଦିବସ ' ମହା ଆଡ଼ମ୍ବରରେ ପାଳନ କରାଯାଇଛି ।ଉକ୍ତ ଉତ୍ସବରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।ସୁନାବେଡ଼ା ପୌରାଧକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧକ୍ଷା ରିତୁ କର୍ଣ୍ଣା,ନିର୍ବାହୀ ଅଧିକାରୀ ଶ୍ରୀ ଗୋବିନ୍ଦ ଦଣ୍ଡସେନା , ୨୦୨ କୋବ୍ରା ବାଟାଲିୟନ ର କୋମଣ୍ଡ ବୃନେଏ ଏବଂ ଡେପୁଟି ହରି ସିଂହ ଡ଼େପୁଟି କମାଣ୍ଡର , ଉପସ୍ଥିତ ଥିଲେ ।ଅତିଥିମାନେଙ୍କ ଦ୍ୱାରା ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ କରାଯାଇଥିଲା ।'ସ୍ୱାୟତ୍ତ ଶାସନ ଦିବସ ' ଅବସରରେ ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ ହୋଇଥିଲା ।ସେହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପୁରସ୍କାର ବିତରଣ କରଯାଇଥିଲା । ଏହା ସହିତ ଅନେକ ସଫାଇ କର୍ମଚାରୀ, ଟ୍ରାକ୍ଟର ଚାଳକ ଓ ଅନ୍ୟାନ୍ୟ ଗାଡ଼ି ଚାଳକ ମାନଙ୍କୁ ସମ୍ମାନୀତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ଅଧିକାରୀ ବୃନ୍ଦ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ଶ୍ରୀ ଲକ୍ଷ୍ମୀଧର ମହାପାତ୍ର , ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।ଏବଂ ସନ୍ଧ୍ୟା ୬ ଘଟିକା ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା

## ବିଭାଗୀୟ ଅଧିକାରୀଙ୍କ କମ୍ପୋ ଅଫର ଡ୍ରେନ ସହ ପୋଖରୀ ନିର୍ମାଣ



କାଳିଆପାଣି୦୨/୯(ନି.ପ୍ର): କାହାର ଭୁଲ ଦୁର୍ଦ୍ଦଶା ଭୋଗ କରୁଛି କିଏ ? ସାଧାରଣତଃ ରାସ୍ତା କଡ଼ ରେ ଡ୍ରେନ ନିର୍ମାଣ କରିବାର କାରଣ ବର୍ଷା ରେ ରାସ୍ତା ରୁ ନିର୍ଗତ ଜଳସ୍ରୋତ ଡ୍ରେନ ମାଧ୍ୟମ ଦେଇ ମୁଖ୍ୟ ନାଳ କୁ ଯାଇଥାଏ । ଯଦି ଡ୍ରେନ ନିର୍ମାଣ କରି ସରିବା ପରେ ଡ୍ରେନ ରେ ପାଣି ଜମେ ତେବେ ତାହାକୁ ପୋଖରୀ କହିବା ରେ କୌଣସି ଅସୁବିଧା ନାହିଁ । ଏପରି ଦୃଶ୍ୟ କାଳିଆପାଣି ପଞ୍ଚାୟତ ର ଗୁରୁଜଙ୍ଗ ପାଳ ରେ ଦେଖିବକୁ ମିଳିଛି । କେତେ ତତ୍ପର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତାହା ସ୍ପଷ୍ଟ ଦୃଷ୍ଟି ଆକର୍ଷଣ ହେଉଛି । ଏପରି କାର୍ଯ୍ୟ କରିବାର ପ୍ଲାନିଂ ବିଭାଗୀୟ ଅଧିକାରୀ ଓ ଠିକାଦାର କେଉଁଠାରୁ ଆଣିଛନ୍ତି ଜଣାପଡୁନାହିଁ । ଡ୍ରେନ ନିର୍ମାଣ ହୋଇଛି ତାହା ସତ ହେଲେ ଡ୍ରେନ ରୁ ପାଣି ଆଗକୁ ଯାଇ ପାରୁନାହିଁ କାରଣ ଡ୍ରେନ ନିର୍ମାଣ କମ ଉଚ୍ଚତା ରେ ହୋଇଥିବା ବେଳେ ଡ୍ରେନ ଉପର ଦେଇ ଯାଇଥିବା ପୋଲ ର ଉଚତା ଡ୍ରେନ ଠାରୁ ଅଧିକା । ଏପରି ପରିସ୍ଥିତି ରେ ରାସ୍ତା ର ଜଳ ଧାର ଡ୍ରେନ ରେ ପରିପୂର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବକୁ ମିଳିଛି । ବିଭାଗୀୟ ଅଧିକାରୀ ଙ୍କ କମ୍ବୋ ଅଫର ପରି ଲାଗୁଛି । ଗୋଟିଏ ପଟେ ଡ୍ରେନ ଓ ଅନ୍ୟ ପଟେ ଡ୍ରେନ କୁ ନେଇ କୃତ୍ରିମ ପୋଖରୀ ର ବ୍ୟବସ୍ଥା ପୁଣି ଘର ସମ୍ନା ରେ । ଏ ବ୍ୟବସ୍ଥା ସଭିଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏହା କୁ ନେଇ ସ୍ଥାନୀୟ ବାସିନ୍ଦା ଙ୍କ କହିବା କଥା ଜଳବନ୍ଦୀ କାରଣ ରୁ ମଶା ମାନେ ମଧ ଏଠାରେ ବାସ କରୁଥିବା ହେତୁ ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ମ୍ୟାଲେରିଆ ବ୍ୟାପିବା ର ବେସ ଭୟ ରହୁଛି । ବିଭାଗୀୟ ଅଧିକାରୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଡ୍ରେନ ନିର୍ମାଣ କରିଥିବା ବେଳେ ସ୍ଥାନୀୟ ବାସିନ୍ଦା ସୁବିଧା ବଦଳ ରେ ଅସୁବିଧା ଭୋଗ କରୁଛନ୍ତି । ଉକ୍ତ ଡ୍ରେନ ନିର୍ମାଣ ପରେ ପାଣି ଯାଇ ନ ପାରି ଜଳ ବନ୍ଦୀ ହୋଇ ରହି ଯାଉଛି । ସାମାନ୍ୟ ବର୍ଷା ରେ ଡ୍ରେନ ର ମଇଳା ପାଣି ରେ ଛୋଟ ଛୁଆ ଖେଳୁ ଥିବା ର ଦୃଶ୍ୟ ଦେଖିବାକୁ ମିଳୁଛି । ଯଦି କିଛି ଛୋଟ ଛୋଟ ପିଲା ଙ୍କ ର ଅଜାଣତରେ କୌଣସି ଅସୁବିଧା ହୁଏ ତେବେ ଏଥିପାଇଁ କିଏ ଦାୟୀ ରହିବେ କହିବେ କି ?

## ଖବର ପ୍ରସାରଣ ପରେ ବିଭାଗୀୟ ଅଧିକାରୀ ଙ୍କ ନିଦ ଭାଙ୍ଗିଲା ପଡିଲା ପ୍ରଭାବ ହେଲା ତଦାରଖ



କାଳିଆପାଣି୦୨/୯(ନି.ପ୍ର): ସୁକିନ୍ଦା ବ୍ଲକ କଂସ ପଞ୍ଚାୟତ ର ପେଣ୍ଠ ସାହି ରେ ଦୀର୍ଘ ବର୍ଷ ରୁ ଜଳ ଯନ୍ତ୍ରଣା ଦେଖା ଦେଇଥିଲା ! ବହୁ ଘର ଓ ବହୁ ପରିବାର ଜଳ ଯନ୍ତ୍ରଣା ରେ ଛଟପଟ ହେଉଥିବା ଦେଖିବକୁ ମିଳିଥିଲା ! ସ୍ଥାନୀୟ ବାସିନ୍ଦା କିଛି ଦୂର ରେ ଥିବା ନାଳ ର ଚୁଆ ପାଣି କୁ ଭରସା କରୁଥିବା ବେଳେ ଅନ୍ୟ କୌଣସି ଉପାୟ ନ ଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଚଳିତ ମାସ ୨୮ ତାରିଖ ରେ ' ଜଳ ପାଇଁ ହା ହା କାର ; ୧୪୦ ପରିବାର ଙ୍କ ଭରସା ଚୁଆ ପାଣି ' ମୁଖ୍ୟ ସ୍ତମ୍ଭରେ ଉଲେଖ ରହିଥିବା ର ଖବର ପ୍ରକାଶ ପରେ ଛଅ ଘଣ୍ଟା ବିତି ନ ଥିଲେ ମଧ ପେଣ୍ଠ ସାହି ରେ ଆସି ପହଞ୍ଚିଥିଲେ ବିଭାଗୀୟ ଅଧିକାରୀ । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଙ୍କୁ ବାସ୍ତବରେ ଖବର ନ ଥିବା ବେଳେ ଖବର ପ୍ରସାରଣ ପରେ ନିଦ ଭାଙ୍ଗିଥିଲା । ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇବା ପରେ ପମ୍ପ ଟି ପୋଡି ଯାଇଥିବା କଥା କହିଥିଲେ । ପ୍ରକୃତ ଘଟଣା ର ସତ୍ୟା ସତ୍ୟ ପରଖି ଥିଲେ ଓ ତଦାରଖ ପରେ ଘଟଣା ସମ୍ପୃକ୍ତ ରେ ବହୁ ଶୀଘ୍ର ନୂତନ ପାଣି ପମ୍ପ ସହ ସକେଟ ବସାଇବାକୁ ନିଷ୍ପତ୍ତି ନେଇଥିଲେ । ଯାନ୍ତ୍ରିକ ତ୍ରୁଟି ଯୋଗୁ ସ୍ଥାନୀୟ ବାସିନ୍ଦା ଙ୍କୁ ବହୁ ଦିନ ଧରି ଜଳ ପାଇଁ ନର୍କ ଯନ୍ତ୍ରଣା ସହିବାକୁ ପଡିଥିଲା ।

## ପ୍ରାଚୀର ପତ୍ରିକା ଜାହ୍ନବୀ ଉନ୍ମୋଚିତ

ନର୍ଲା:- - ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ସରସ୍ୱତୀ ଶିଶୁ ମନ୍ଦିର ଠାରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରାଚୀର ପତ୍ରିକା ଜାହ୍ନବୀ ଉନ୍ମୋଚିତ ହୋଇଯାଇଛି । ଶିଶୁମାନଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାଟିକୁ ଭୀମକେଲା ଓ କର୍ମେ ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ କର୍ଣ୍ଣ ମହାନନ୍ଦ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ ଗଳ୍ପ, କବିତା, ହସକଥା, ଜଣାଅଜଣା, ବୋଧକଥା, ଶିଶୁଙ୍କ ତୂଳିରେ ଚତ୍ର ଆଦି ସ୍ଥାନ ପାଇଛି । ଶିଶୁ ସମ୍ପାଦକ ରୂପେ ତେଜସ୍ୱିନୀ ସୋନୀ ଓ ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରଚ୍ଛଦଶିଳ୍ପୀରେ ଜତେନ୍ଦ୍ର ଗଉଡ ରହିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଘନଶ୍ୟାମ ଭୋଇ ଓ ସଂପାଦକ ସଞ୍ଜିବ ଦାସ ଉପସ୍ଥିତ ରହି ଶିଶୁ ଲେଖକଙ୍କ ଲେଖାକୁ ପ୍ରଶଂସା କରି ଜାହ୍ନବୀର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ବିଦ୍ୟାଳୟ ପକ୍ଷରୁ ପ୍ରତିବର୍ଷ ସରସ୍ୱତୀ ପୂଜା ଓ ଗଣେଶ ଚତୁର୍ଥୀରେ ପ୍ରାଚୀର ପତ୍ରିକା ଜାହ୍ନବୀ ପ୍ରକାଶିତ ହେଉଥିବା ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ଭୋଇ ପ୍ରକାଶ କରିଛନ୍ତି ।

## କଣାସ ବିଭିନ୍ନ ଅନୁଷ୍ଠାନରେ ଗଣେଶ ପୂଜା

କଣାସ:୦୨/୯(ନି.ପ୍ର): ଭାଦ୍ରବ ଶୁକ୍ଳ ଚତୁର୍ଥୀ ବୁଧବାର ଦିନ ବିଦ୍ୟାର ଦେବତା ଆଦିଦେବ ଗଣେଶଙ୍କର ପୂଜାର୍ଚ୍ଚନା କଣାସ ବ୍ଲକ ର ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ପାଳିତ ହୋଇଯାଇଛି । ବିଶେଷକରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏହି ପୂଜା କରାଯାଇଥାଏ । ଆଲୋକମାଳା ମଣ୍ଡିତ ତୋରଣରେ ସୁସଜ୍ଜିତ ମଣ୍ଡପ ଗୁଡ଼ିକ ଆକର୍ଷକ ହୋଇଥାନ୍ତି । ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଭଗବାନ ଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଏହାଦ୍ୱାରା ସମସ୍ତ ପ୍ରକାରର ସଫଳତା ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଗଜାନନ ହେଉଛନ୍ତି ସୁଖ-ସମୃଦ୍ଧିର ପ୍ରତୀକ । ତ୍ରିଦେବ ମଧ ଗଜାନନଙ୍କୁ ପୂଜା କରିଥାନ୍ତି । ଗଣେଶ ଭଗବାନଙ୍କୁ ଲମ୍ବୋଦର, ପିତାମ୍ବର, ବିଘ୍ନହର୍ତା ଏବଂ ଗଜାନନ ଭଳି ନାମରେ ସ୍ମରଣ କରାଯାଏ କିନ୍ତୁ ତାଙ୍କର ଗୋଟେ ନାମ ହେଉଛି ମଙ୍ଗଳମୂର୍ତ୍ତି ।ଶାସ୍ତ୍ରୀୟ ମତରେ ବାଧାବିଘ୍ନ ଦୂରୀକରଣ, ସୁଖସମୃଦ୍ଧି ଏବଂ ଜ୍ଞାନ ଆହରଣ ପାଇଁ ଯେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରିଥାଏ ତା'ର ପ୍ରତୀକ ହେଉଛନ୍ତି ଶ୍ରୀଗଣେଶ । ସେଇଥିପାଇଁ ସେ ବିଘ୍ନ ବିନାଶକ, ସିଦ୍ଧି ବିନାୟକ ଭାବରେ ମଧ ପରିଚିତ । ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ଶ୍ରୀଗଣନାଥଙ୍କ ପୂଜନ ସଂପାଦିତ ହୋଇଥଏ ।ଏହି ଅବସରରେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ,ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ,ମନ୍ଦାକିନୀ ସଂଯୁକ୍ତ ଉପ୍ରା ବିଦ୍ୟାଳୟ,ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର,କଣାସ ଶିଶୁ ମନ୍ଦିର,ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଗାଁ ଗହଳି ଠାରୁ ଆରମ୍ଭ କରି ବଜାର ମାନଙ୍କରେ ଚଳିତ ବର୍ଷ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି ।

## ପ୍ରଧାନ ଶିକ୍ଷକ ଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମୁରିବାହାଲ ୦୨/୯(ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପକ୍ଷୀରାଜ ମାଝୀ ଅବସରଗ୍ରହଣ କରିଛନ୍ତି ।ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ନାରାୟଣ ଭୋଇ ଙ୍କ ସଂଯୋଜନାରେ ବୁଧବାର ଦିନ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ୱାର୍ଡ ସଭ୍ୟ ଗୋରେଖ ଭୋଇ,କବି ଭକ୍ତବନ୍ଧୁ ସାହୁ,ପରିଚାଳନା କମିଟି ସଦସ୍ୟ ଅମିତ ରଣା, ସହକାରୀ ଶିକ୍ଷକ ଟିକେରାମ ଭୋଇ,ଶିକ୍ଷୟିତ୍ରୀ ଝରଣା ଦାସ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପକ୍ଷୀରାଜ ମାଝୀ ଙ୍କୁ ଉପଢୌକନ, ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ ।ବିଦ୍ୟାଳୟ ରେ ଶିକ୍ଷକତା ସମୟରେ ନିଷ୍ଠାପର ଭାବେ ଶିକ୍ଷାଦାନ କରିବା ସହ ବିଦ୍ୟାଳୟର ସୁପରିଚାଳନାର ଗୁରୁଦାୟିତ୍ୱ,ଉତ୍ତମ ଛାତ୍ର ଗଠନ,ଅଭିଭାବକ ଙ୍କ ସହ ସୁ ସମ୍ପର୍କ ରଖି ବିଦ୍ୟାଳୟ ର ପ୍ରଗତି ପାଇଁ ନିରନ୍ତର ପ୍ରୟାସ ସ୍ମୃତି ହୋଇ ରହିବ ବୋଲି ମଞ୍ଚାସିନ ବ୍ୟକ୍ତି ଗଣ ମତ ପ୍ରକାଶ କରିଥିଲେ ।ବିଦ୍ୟାଳୟ କମିଟିର ଉପସଭାପତି ଯାମିନୀ ଭୋଇ,ଯଶୋଦା ସାହୁ,ବିଦ୍ୟାଳୟ କମିଟିର ପୂର୍ବ ସଭାପତି ଧନମତୀ ଭୋଇ,ସଞ୍ଜୁଲା ସାହୁଙ୍କ ସହ ଅଭିଭାବକ,ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।ଛାତ୍ରଛାତ୍ରୀ ମାନଙ୍କ ଆଖିରେ ଲୁହ ଗୁରୁ ଶିଷ୍ୟ ପରମ୍ପରାର ଭାବାବେଗ ପରିଲକ୍ଷିତ ହୋଇଥିଲା ।

## ବାଲିଗୁଡାରେ ଗଣେଷ ପୂଜା ପାଳିତ: ନୂତନ ଛାତ୍ର ଛାତ୍ରୀ ଖଡ଼ି ଛୁଆଁଇଲେ



ବାଲିଗୁଡା, ୦୨/୯(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ସିଦ୍ଧି ପ୍ରଦାୟକ ଶ୍ରୀ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜନୋତ୍ସବ ଯଥା ରୀତିନୀତି ଅନୁସାରେ ପାଳିତ ହୋଇ ଯାଇଛି କ୍ଷ ଏହି ଅବସରରେ ଟାଉନର ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ଗୁଡିକରେ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ସହ ନୂତନ ଛାତ୍ର ଛାତ୍ରୀ ମାନଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷ ଟାଉନର ଫ୍ରେଣ୍ଡସ ଗ୍ରୁପ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିକ୍ଷା ନିକେତନ ଓ ମିଡ଼ିଆକିଆ ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ପୂଜା ଓ ସାଜସଜ୍ଜା ତଥା ଆଲୋକ ତୋରଣ ମନଲୋଭା ସହ ଆକର୍ଷଣୀୟ ହୋଇ ପାରିଥିଲା କ୍ଷ କରୋନା ଲାଗି ଗତ ବର୍ଷମାନଙ୍କରେ ବିଦ୍ୟାଳୟରେ ପୂଜା ନିରାଡ଼ମ୍ବର ଭାବେ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତରେ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କର ଉପସ୍ଥିତ ବିଦ୍ୟାଳୟକୁ ପରିପୂର୍ଣ୍ଣ ଆନନ୍ଦ ପ୍ରଦାନ କରିଛି କ୍ଷ ଛାତ୍ରଛାତ୍ରୀ ମାନଙ୍କ ମଧରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି କ୍ଷ ଏହି ପୁଜା ଉତ୍ସବରେ ମିଡିଆକିଆ ପଞ୍ଚାୟତର ସରପଞ୍ଚ ଅଶୋକ ମଲିକ ଉପସ୍ଥିତ ରହିବା ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟାଗଣ, ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଗଣ, ସ୍ଥାନୀୟ ନଦିୟା ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ପୂଜାର ଆନନ୍ଦକୁ ଅଧିକ ବୃଦ୍ଧି କରିଛନ୍ତି କ୍ଷ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପୂଜାକାର୍ଯ୍ୟ ସଫଳ ହୋଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି କ୍ଷ

## ସ୍ମାର୍ଟ ପାୱାର ଇଣ୍ଡିଆ ପକ୍ଷରୁ ଓଡିଶାରେ ଏମଏସଏମଇ ପାଇଁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ

ଭୁବନେଶ୍ୱର, ୨ ସେପ୍ଟେମ୍ବର ୨୦୨୨: ରକଫେଲର ଫାଉଣ୍ଡେଶନର ସହାୟକ କମ୍ପାନୀ ସ୍ମାର୍ଟ ପାୱାର ଇଣ୍ଡିଆ (ଏସପିଆଇ) ଓଡିଶାରେ ଏମଏସଏମଇ ପାଇଁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ କରିଛି । ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୨୦୨୪ ସୁଦ୍ଧା ୧୫୦ ମେଗାୱାଟ ରୁଫ୍ ଟପ୍ ସୋଲାର ଇନଷ୍ଟଲଲେଶନ କରିବା ସହିତ ବାର୍ଷିକ ୧୫୦,୦୦୦ ଟନ ଅଙ୍ଗାରକାମ୍ଳ ସ୍ଥାନାନ୍ତର କରିବା । ଏକ ଇକୋସିଷ୍ଟମ ସୃଷ୍ଟି କରି ରାଜ୍ୟର ନିୟୁତାଧିକ ଏମଏସଏମଇଙ୍କ ଡିଜେଲ ନିର୍ଭରଶୀଳକୁ ହ୍ରାସ କରିବା । ମାଇକ୍ରୋ ଉଦ୍ୟୋଗଗୁଡ଼ିକୁ ସଶକ୍ତି କରଣ କରିବା ସହିତ ସ୍ୱଚ୍ଛ, ସୁଲଭ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମ ଦ୍ୱାରା ଉପଲବ୍ଧ କରାଇ ଏହାକୁ ଉତ୍ପାଦନ କ୍ଷେତ୍ରରେ ବ୍ୟବହାର କରିବା । ମୌଳିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୁବିଧା ତଥା ଦେଶର ଗ୍ରାମାଂଚଳରେ ଗ୍ରୀନ୍ ଚାକିରୀକୁ ବଢ଼ାଇବା ଭଳି ସାମାଜିକ ଆର୍ଥିକ ସମସ୍ୟାଗୁଡିକର ସମାଧାନ ପାଇଁ ପ୍ରଭାବଶାଳୀ ସୁବିଧା ପ୍ରଦାନ କରିବା । ୧୦୦% ଘରୋଇ ବିଦ୍ୟୁତିକରଣର ଗୁରୁତ୍ୱକୁ ଉପଲବ୍ଧି କରି ଏକ ମାଇଲଖୁଂଟ ହାସଲ କରିବା ସହିତ ଅଧିକାଂଶ ଗ୍ରାମୀଣ ଉଦ୍ୟୋଗ ଏବଂ ଅନୁଷ୍ଠାନକୁ ମୁଖ୍ୟ ଗ୍ରୀଡ ଦ୍ୱାରା ସଂରକ୍ଷିତ କରିଛି । ପ୍ରାୟ ୪୦% ଏମଏସଏମଇ ଗ୍ରାହକ ଗ୍ରୀଡ ସହିତ ସଂଯୁକ୍ତ ହୋଇ ନାହାନ୍ତି । ୬୦% ସଂଯୁକ୍ତ, ଗ୍ରୀଡରେ ନିର୍ଭରଯୋଗ୍ୟତା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଫଳସ୍ୱରୂପ ବିଦ୍ୟୁତ ପାଇଁ ବ୍ୟବହୃତ ଲକ୍ଷ ଲକ୍ଷ ଲିଟର ମହଙ୍ଗା ଡିଜେଲ ବ୍ୟବହୃତ ହେଉଛି । ରୁଫ୍ ଟପ୍ ସୋଲାର ପକ୍ଷରୁ ଡିଆରଇ ବିକଳ୍ପ ଉତ୍ପାଦନ ହାଇ ଲୋଡ୍ ଏମଏସଏମଇ ଗ୍ରାହକଙ୍କ ପାଇଁ ବ୍ୟବହାର କରାଯାଉଛି । ଏସବୁ ଗ୍ରାହକ ୧୦ କିଲୋୱାଟରୁ ୫୦ କିଲୋୱାଟ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ଏହି କାର୍ଯ୍ୟକ୍ରମ ଘୋଷଣା କରି ସ୍ମାର୍ଟ ପାୱାର ଇଣ୍ଡିଆର ହେଡ-ପ୍ରୋଗ୍ରାମ ସମିତ ମିତ୍ର କହିଲେ, ଆମେ ଓଡ଼ିଶାରେ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ ଘୋଷଣା କରି ବେଶ୍ ଆନନ୍ଦିତ । ଆମର ଦୃଷ୍ଟିକୋଣ ଗ୍ରାମାଂଚଳରେ ଏମଏସଏମଇଗୁଡ଼ିକୁ ସଶକ୍ତିକରଣ କରୁଛି ଏବଂ ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶ ମାଧ୍ୟମରେ ଜୀବନକୁ ଉନ୍ନତ କରୁଛି । ଆମେ ଜାଣୁ, ବିଦ୍ୟୁତ ଉତ୍ପାଦନର ଏକ ବ୍ୟୟବହୁଳ ଏବଂ ନିର୍ଭରଯୋଗ୍ୟ ମାଧ୍ୟମ । ଗ୍ରାମାଂଚଳର ଲୋକଙ୍କୁ ଗ୍ରୀଡ ଭିତିକ ବିଦ୍ୟୁତ ଏକ ନିର୍ଭରଯୋଗ୍ୟ ବିକଳ୍ପ ଯୋଗାଇଥାଏ । ଆସନ୍ତା ତ୍ରୟମାସରେ ଏସପିଆଇ ରାଜ୍ୟରେ ଏକ ଦୃଢ଼ ଯୋଗଦାନ ଉପରେ କାର୍ଯ୍ୟ କରିବ ଯାହା ଭାରତ ସରକାର ଓ ଓଡିଶା ସରକାରଙ୍କ ଦୃଷ୍ଟିକୁ ସମର୍ଥନ କରିବ । ଅକ୍ଷୟ ଶକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଆରପିଓ ଲକ୍ଷ୍ୟକୁ ବୃଦ୍ଧି କରିବା ପାଇଁ ଏସ୍ପିଆଇ ପ୍ରମୁଖ ହିତାଧିକାରୀମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିବ । ଏହା ସହିତ ସ୍ମାର୍ଟ ପାୱାର ଇଣ୍ଡିଆ ନିକଟରେ ଆକ୍ୱାକଲଚର କ୍ଷେତ୍ରରେ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଛି ଏବଂ ଚିଙ୍ଗୁଡ଼ି ଚାଷୀଙ୍କ ପାଇଁ ଏରେଟର ପ୍ରବର୍ତନ କରିଛି । ଏକ୍ୱାଇଏମବି ସହିତ ଏସପିଆଇ ଶ୍ୱେତପତ୍ର ଅନୁଯାୟୀ, ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ଏହା ଚାଷୀଙ୍କ ପାଇଁ ୪୦ ପ୍ରତିଶତ ସଂଚୟ ସୃଷ୍ଟି କରିଛି । ଏହାପୂର୍ବରୁ ସ୍ମାର୍ଟ ପାୱାର ଇଣ୍ଡିଆ ଉତରପ୍ରଦେଶରେ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ପ୍ରଥମ ପର୍ଯ୍ୟାୟ ପାଂଚଟି ଚ୍ୟାନେଲ ସହଭାଗୀ ସହିତ ଲଂଚ୍ କରିଥିଲା । ଓଡିଶାରେ, ଏସପିଆଇ ମନୋନୀତ ଇକୋସିଷ୍ଟମ କମ୍ପାନୀଙ୍କ ସହିତ କାର୍ଯ୍ୟ କରିବାକୁ ଚାହୁଁଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଅନୁକୂଳ ପରିବେଶ ଏବଂ କାର୍ଯ୍ୟକ୍ଷମ ବ୍ୟବସାୟ ମଡେଲ ଗଠନ କରିବାରେ ସାହାଯ୍ୟ କରିବ । କ୍ଷୁଦ୍ରରୁ ମଧ୍ୟମ ଧରଣର ଉଦ୍ୟୋଗଗୁଡିକ ଉପରେ ଧ୍ୟାନ ଦେଇ ଏହା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିଛି । ଏସପିଆଇ ଏକ ଇକୋସିଷ୍ଟମ ସ୍ଥାପନ କରିବାରେ ବିଶ୍ୱାସ କରେ ଯାହା କେବଳ ଆଲୋକ ପ୍ରଦାନ ପାଇଁ ବିଦ୍ୟୁତ ବ୍ୟବହାରକୁ ସୀମିତ ନ କରି ଏହାକୁ ଜୀବିକା ନିର୍ବାହ ଲାଗି ଚାହିଦା ବଜାୟ ରଖିବାରେ ସାହାର୍ଯ୍ୟ କରିବା ସହିତ ତଥା ଜୀବନଧାରଣର ଉନ୍ନତି ଓ ଗ୍ରାମୀଣ ଅର୍ଥନୀତିର ବିକାଶ କ୍ଷେତ୍ରରେ ସହାୟକ ହେବ ।

## ସଂପାଦକୀୟ

# ବିବାହ ବୟସ ବୃଦ୍ଧିକୁ ନେଇ ବିତର୍କ

ଆମ ଦେଶରେ ଝିଅମାନଙ୍କର ସର୍ବନିମ୍ନ ବିବାହ ବୟସ ଏବେ ୧୮ ବର୍ଷ ଥିବାବେଳେ ଏହାକୁ ୨୧ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ମନ୍ତ୍ରୀମଣ୍ଡଳ ବୈଠକରେ ଏଥିନେଇ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଝିଅମାନଙ୍କର ସର୍ବନିମ୍ନ ବିବାହ ବୟସ ହ୍ରାସ ଉଦ୍ଦେଶ୍ୟରେ ସରକାର ବର୍ତ୍ତମାନ ପ୍ରଚଳିତ ଥିବା ତିନୋଟି ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ଏହି ଆଇନଗୁଡିକ ହେଲା- ବାଲ୍ୟବିବାହ ପ୍ରତିରୋଧକ ଆଇନ-୨୦୦୬, ସ୍ୱତନ୍ତ୍ର ବିବାହ ଆଇନ-୧୯୫୪ ଏବଂ ହିନ୍ଦୁ ବିବାହ ଆଇନ-୧୯୫୫। ଗତବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାର ପ୍ରାଚୀର ଉପରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବାବେଳେ ଝିଅମାନଙ୍କର ବିବାହ ବୟସ ବୃଦ୍ଧି ନେଇ ପ୍ରଥମେ ସୂଚନା ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ଦେଶର ଝିଅ ଓ ଭଉଣୀମାନଙ୍କର ସ୍ୱାସ୍ଥ୍ୟକୁ ନେଇ ସରକାର ଚିନ୍ତିତ ଅଛନ୍ତି। ସେମାନଙ୍କୁ କୁ ପୋଷଣରୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ବିବାହ ଉଚିତ୍ ବୟସରେ ହେବା ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ସେଦିନର ମତାମତ ଭିତ୍ତିରେ କେନ୍ଦ୍ର ସରକାର ଏବେ ସର୍ବନିମ୍ନ ବିବାହ ବୟସ ବୃଦ୍ଧି ପାଇଁ ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ବର୍ତ୍ତମାନ ଆମ ଦେଶରେ ଯେଉଁ ଆଇନ ରହିଛି ସେଥିରେ ପୁରୁଷଙ୍କ ସର୍ବନିମ୍ନ ବିବାହ ବୟସ ୨୧ ଥିବାସ୍ଥଳେ ମହିଳାଙ୍କ ପାଇଁ ଏହା ୧୮ ରହିଛି। ଏହା ଲିଙ୍ଗଗତ ବୈଷମ୍ୟ ସୃଷ୍ଟି କରୁଛି ବୋଲି କେତେକ ସମାଲୋଚକ ମତ ଦିଅନ୍ତି। ଏହାଛଡା ଏତେ କମ୍ ବୟସରେ ବିବାହ କରିବା ଫଳରେ ମହିଳାଙ୍କ ଉପରେ ପାରିବାରିକ ଚାପ ବଢୁଥିବାର ଲକ୍ଷ୍ୟ କରାଯାଉଛି। ଅଧିକାଂଶ ମହିଳା କୁ ପୋଷଣର ଶିକାର ହୋଇ ବିଭିନ୍ନ ଦୂରାରୋଗ ବ୍ୟାଧିର ଶିକାର ହେଉଛନ୍ତି। ଏହାଦ୍ୱାରା ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜୟା ଜେଟଲୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ଏବଂ ଉକ୍ତ ଟାସ୍କ ଫୋର୍ସ ତାଙ୍କର ରିପୋର୍ଟ ନୀତି ଆୟୋଗକୁ ପ୍ରଦାନ କରିସାରିଛନ୍ତି। ଟାସ୍କ ଫୋର୍ସ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ପ୍ରଥମ ପିଲା ଜନ୍ମ ହେବା ସମୟରେ ମା'ର ବୟସ ଅତି କମ୍‌ରେ ୨୧ ବର୍ଷ ହେବା ନିହାତି ଆବଶ୍ୟକ। ମାତ୍ର ବର୍ତ୍ତମାନ ପ୍ରଚଳିତ ଥିବା ଆଇନ ଅନୁଯାୟୀ ୧୮ ବର୍ଷରେ ବିବାହ ପାଇଁ ଅନୁମତି ଥିବାରୁ ୨୧ ବର୍ଷ ହେବା ପୂର୍ବରୁ କିଛି ମହିଳା ପିଲାଜନ୍ମ କରି ମା' ହୋଇଯାଉଛନ୍ତି। ଏହାଦ୍ୱାରା ସେମାନେ ନିଜ ପାଇଁ ବିପଦ ଡାକି ଆଣୁଛନ୍ତି। ବିବାହ ବିଳମ୍ବରେ କରାଗଲେ ମହିଳା, ସେମାନଙ୍କ ସନ୍ତାନ ସନ୍ତତି, ପରିବାର ଓ ସର୍ବୋପରି ସମାଜ ବ୍ୟବସ୍ଥା ଉପରେ ତାହାର ସକାରାତ୍ମକ ପ୍ରଭାବ ପଡିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସୁଦୂର ଅତୀତରେ ଆମ ଦେଶରେ ଝିଅମାନଙ୍କର ସର୍ବନିମ୍ନ ବୟସ ୧୮ ବର୍ଷରୁ ଆହୁରି କମ୍ ରହିଥିଲା। ସାରଦା ଆଇନ-୧୯୨୯ ଅନୁଯାୟୀ ଝିଅ ୧୪ ବର୍ଷରେ ଓ ପୁଅ ୧୮ ବର୍ଷରେ ବିବାହ କରି ପାରୁଥିଲେ। ଭାରତ ସ୍ୱାଧୀନତା ଲାଭ କରିବାର ଦୁଇବର୍ଷ ପରେ ଅର୍ଥାତ୍ ୧୯୪୯ ମସିହାରେ ଏହି ଆଇନରେ ସଂଶୋଧନ କରାଯାଇ ଝିଅ ସର୍ବନିମ୍ନ ୧୫ ବର୍ଷ ବୟସରେ ବିବାହ କରିବାର ରଖାଗଲା। ୧୯୭୮ ମସିହାରେ କେନ୍ଦ୍ରରେ ମୋରାରଜୀ ଦେଶାଇଙ୍କ ଜନତା ପାର୍ଟି ସରକାର ଥିବାବେଳେ ଆଇନରେ ପୁଣି ଥରେ ସଂଶୋଧନ ଅଣାଯାଇ ଝିଅ ସର୍ବନିମ୍ନ ୧୮ ବର୍ଷ ଓ ପୁଅ ୨୧ ବର୍ଷରେ ବିବାହ କରିବାର ନିୟମ ଲାଗୁହେଲା, ଯାହାକି ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି। ଏବେ ମୋଦି ସରକାର ଝିଅଙ୍କ ବିବାହ ବୟସ ବୃଦ୍ଧି ନିମନ୍ତେ ଯେଉଁ ନିଷ୍ପତ୍ତି ନେଇଛନ୍ତି ସାମଗ୍ରୀକ ଦୃଷ୍ଟିକୋଣରୁ ତାହା ବାସ୍ତବବାଦୀ ମନେ ହେଉଛି ଏବଂ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ମାତ୍ର ଅନ୍ୟ କେତେକ ରାଜନେତା ବିଶେଷ କରି ମୁସ୍‌ଲିମ୍ ସଙ୍ଗଠନଗୁଡିକ ଏହାକୁ ତୀବ୍ର ବିରୋଧ କରି ପ୍ରତିକ୍ରୀୟା ବ୍ୟକ୍ତ କରିଛନ୍ତି। ଆଇନଗତ ଭାବରେ ୧୮ ବର୍ଷ ବୟସରେ ସମସ୍ତଙ୍କୁ ନିଜ ଇଚ୍ଛାରେ ଜୀବନ ଚଳାଇବାର ଅଧିକାର ଥିବାସ୍ଥଳେ ବିବାହରେ କାହିଁକି ବାଧା ସୃଷ୍ଟି କରାଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ତେବେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ସହମତି ଭିତ୍ତିରେ ଯାହା କିଛି ଉଚିତ୍ ପଦକ୍ଷେପ ନେବା ବିଜ୍ଞତାର କାର୍ଯ୍ୟ ହେବ।

# ଆଧ୍ୟାତ୍ମ ଉପରେ ଚିନ୍ତନ

ଆଧୁନିକ ଭାରତର କଥିତ ଆଧୁନିକ ସାଧୁସନ୍ଥ ମାନଙ୍କର ଆଧୁନିକ ଧର୍ମ ସଂସଦର ଘଟଣା କିଛି ବିଚିତ୍ର ଭଳି ଲାଗେ। ଧର୍ମ ସଂସଦ ଯେଉଁଠି ଧର୍ମର ମହାନ ଏବଂ ଶାନ୍ତିପ୍ରିୟ ମୂଲ୍ୟର କଥା ଆଲୋଚନା କରାଯିବା କଥା ସେଠି ଶାନ୍ତିପ୍ରିୟ ମୂଲ୍ୟବୋଧକୁ ଧୂଳି ଧୂଷରିତ କରିବାର ଉଦ୍ୟମ କରାଯାଉଛି। ଯେଉଁଠି ଧର୍ମ ଏବଂ ଆଧ୍ୟାତ୍ମ ଉପରେ ଚିନ୍ତନ, ମନନ ଏବଂ ମନ୍ଥନ କରାଯିବା କଥା ସେଠି ବିଭିନ୍ନ ବିଶିଷ୍ଟତାରେ ସମାହିତ ଭାରତ ବର୍ଷର ଅସୀମ ଶକ୍ତିକୁ ଦୁର୍ବଳ କରି ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର କରାଯିବା ପାଇଁ ଚେଷ୍ଟା କରାଯାଉଛି। ଧର୍ମ ସଂସଦରେ ନିଜକୁ ସନ୍ଥ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହିବା ସହ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କର ପ୍ରଶଂସା କରୁଛନ୍ତି। ଧର୍ମ ସଂସଦରେ ସାମିଲ ଜଣେ ମହିଳା ନାଥୁରାମ ଗଡ୍‌ସେଙ୍କର ପୂଜା କରାଯିବା ପାଇଁ କହୁଛନ୍ତି। ଏସବୁ କଥା ଶୁଣି ଧର୍ମ ସଂସଦରେ ଉପସ୍ଥିତ ଲୋକେ ମଧ୍ୟ କରତାଳି ଦେଉଛନ୍ତି ଏବଂ ଏସବୁ କଥାକୁ ସମର୍ଥନ କରୁଛନ୍ତି। ଏହା ଦୁର୍ଭାଗ୍ୟର କଥା ନିଶ୍ଚୟ। ଭାରତ ବର୍ଷର ବିବିଧତା ଏବଂ ବିଶିଷ୍ଟତାକୁ ସବୁଠାରୁ ଅଧିକ ଯିଏ ଚିହ୍ନି ପାରିଥିଲେ ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ଅଗ୍ରଣୀ ଥିଲେ। ଗାନ୍ଧୀ ଭାରତ ବର୍ଷର ସଂସ୍କୃତିକୁ ରାଜନୈତିକ ଶକ୍ତିରେ ପରିଣଥ କରିବା ସହ ବିବିଧତାକୁ ମଧ୍ୟ ସେଥିରେ ଯୋଡ଼ିବା ଭଳି ଏକ ଦୁରୁହ କାର୍ଯ୍ୟକୁ ସଫଳତାର ସହ କରିପାରିଥିଲେ। ମହାତ୍ମା ଗାନ୍ଧୀ ଭାରତୀୟ ମୂଲ୍ୟବୋଧର ସେହି ଶକ୍ତିକୁ ଜାଣିପାରିଥିଲେ ଯେଉଁ ଶକ୍ତି ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କୁ ଯୋଡ଼ି ରଖି ପାରିଥିଲା। ଧର୍ମ ଏହି ସମ୍ପର୍କରେ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଭାରତ ବର୍ଷର ବିବିଧତାକୁ ରାଷ୍ଟ୍ରୀୟ ଶକ୍ତି ଏବଂ ମାନବତାର ଅସୀମ ସ୍ରୋତ ଭାବରେ ପ୍ରସ୍ତୁତ କରିବାର କାର୍ଯ୍ୟ କରିଥିଲେ ସ୍ୱାମୀ ବିବେକାନନ୍ଦ। ୧୮୯୩ରେ ଚିକାଗୋ ଠାରେ ଅନୁଷ୍ଠିତ ସଭାରେ ସେ ଏହାକୁ ପ୍ରତିପାଦିତ କରିପାରିଥିଲେ। ଏସବୁ ପରେ ଗାନ୍ଧୀଙ୍କୁ ମହାତ୍ମା କାହିଁକି କୁହାଯାଉଛି ଏବଂ ଗାନ୍ଧୀଙ୍କୁ ସମାଲୋଚନା କରୁଥିବା ସାଧୁସନ୍ଥମାନଙ୍କ ବାବଦରେ ବୁଝିବାର ଆବଶ୍ୟକତା ମଧ୍ୟ ରହିଛି। ୧୯ଶ ଶତାବ୍ଦରେ ଭାରତ ବିଭାଜନ ପାଇଁ ଯେଉଁ ସମୟରେ ନକ୍ସା ପ୍ରସ୍ତୁତ କରାଯାଉଥିଲା ସେ ସମୟରେ ଗାନ୍ଧୀ ସ୍ୱାଧୀନତାର ଲଢେଇ ସହ ହିନ୍ଦୁମାନଙ୍କର ବିଖଣ୍ଡନର ଉଦ୍ୟମକୁ ରୋକିବା ପାଇଁ ଜୋରସୋର ଉଦ୍ୟମ କରୁଥିଲେ। ଦଳିତ ଓ ପଛୁଆ ଲୋକଙ୍କ ବସ୍ତିରେ ରହିବା ଘଟଣାକୁ କ୍ରାନ୍ତିକାରୀ ଘଟଣା ବୋଲି କୁହାଯାଇପାରେ। ବିରୋଧ ସତ୍ତ୍ୱେ ଗାନ୍ଧୀ ତାଙ୍କ ଆଶ୍ରମରେ ଏକ ଦଳିତ ପାରିବାରକୁ ରୋକିବା ପାଇଁ ଅନୁମତି ଦେଇଥିଲେ। ସେ ସମୟରେ ଗାନ୍ଧୀ ଦଳିତ ପରିବାରର ଏକ କନ୍ୟାକୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ। ଇଂରେଜମାନେ କମ୍ୟୁନାଲ୍ ଆୱାର୍ଡ଼ ମାଧ୍ୟମରେ ଦଳିତ ବର୍ଗଙ୍କୁ ଅଲଗା ସଂରକ୍ଷଣ ଦେଇ ହିନ୍ଦୁ ଧର୍ମକୁ ବିଖଣ୍ଡନ କରିବାର ରାସ୍ତା ପ୍ରସ୍ତୁତ କରିଥିଲେ ଏବଂ ଡକ୍ଟର ଭୀମାରାଓ ଆମ୍ବେଦକରଙ୍କ ସହ ଆଲୋଚନା ପରେ ମଧ୍ୟ ଗାନ୍ଧୀ ଯରବଦା (ପୁନା) ଜେଲରେ ଅନଶନ କରିଥିଲେ ଓ ସଂରକ୍ଷଣକୁ କଡ଼ା ବିରୋଧ କରିଥିଲେ। ଗାନ୍ଧୀ ଜାଣିଥିଲେ ଯେ ଦଳିତମାନଙ୍କୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ଦିଆଗଲେ ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କ ଭଳି ପୃଥକବାଦର ଭାବନା ବଢିବ। ଏହାଦ୍ୱାରା ସ୍ୱତନ୍ତ୍ର ପରିଚୟ ଏବଂ ଅଲଗା ହେବା ଭଳି ସଙ୍କଟ ମଧ୍ୟ ସୃଷ୍ଟି ହେବ। ଏହା ହିନ୍ଦୁଙ୍କୁ ବିଖଣ୍ଡନ କରିବାର କାରଣ ହେବ। ଗାନ୍ଧୀ କହୁଥିଲେ ଯେ ଅସ୍ପୃଷ୍ୟତା ହେଉଛି ପାପ। ଡକ୍ଟର ଆମ୍ବେଦକର ଏବଂ ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ପୁନା ପ୍ୟାକ୍ଟ (ପୁନା ଚୁକ୍ତି) ଏକ ମାଇଲଖୁଣ୍ଟି ସଦୃଶ ଯଦ୍ୱାରା ହିନ୍ଦୁମାନଙ୍କର ସମ୍ଭାବିତ ବିଭାଜନକୁ ରୋକାଯାଇ ପାରିଥିଲା। ବିଭାଜନକାରୀ ଆଚରଣ ଭାରତର ବିଖଣ୍ଡନର କାରଣ। ୧୯୪୬ ମସିହା ଅଗଷ୍ଟ ୧୬ରେ ହିନ୍ଦୁ ମୁସଲିମ୍ ଦଙ୍ଗା ଭୟାବହ ରୂପ ନେଇଥିଲା। ଏଥିରେ ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଗାନ୍ଧୀ ନିଜେ ଦଙ୍ଗା ପ୍ରଭାବିତ ଅଞ୍ଚଳକୁ ଯାଇଥିଲେ ଓ ତାଙ୍କ ପ୍ରୟାସ କାରଣରୁ ସାମ୍ପ୍ରଦାୟିକ ସଂଘର୍ଷକୁ ରୋକାଯାଇ ପାରିଥିଲା। ବାସ୍ତବରେ ଧର୍ମ ସଂସଦ, ରାଜନୈତିକ ମଞ୍ଚ ଅଥବା ସାମାଜିକ ମଞ୍ଚରେ ମହାତ୍ମା ଗାନ୍ଧୀଙ୍କୁ ଟାର୍ଗେଟ କରିବାର ଯେଉଁ ଉଦ୍ୟମ କରାଯାଉଛି ତାହା ଗାନ୍ଧୀଙ୍କୁ ନୁହେଁ ଏହି ଦେଶର ମୂଲ୍ୟବୋଧ, ଏକତା ଏବଂ ଅଖଣ୍ଡତାକୁ ଟାର୍ଗେଟ କରିବାର ଉଦ୍ୟମ। ଗାନ୍ଧୀର ଅର୍ଥ ଦେଶ ପ୍ରତି ନିଷ୍ଠା, ତ୍ୟାଗ, ବଳିଦାନ, ସାଂସ୍କୃତିକ ମୂଲ୍ୟ, ସତ୍ୟ, ଶାକାହାର, ଅହିଂସା ଏବଂ ମାନବତା ପ୍ରତି ଅସୀମ ସମର୍ପଣ। ଗାନ୍ଧୀ ଶବ୍ଦର ଅର୍ଥ ଉଚ୍ଚ ଆଦର୍ଶ ଏବଂ ମାନବୀୟ ମୂଲ୍ୟବୋଧ। ଏଇଥିପାଇଁ ଗାନ୍ଧୀ ପୂଜନୀୟ କିନ୍ତୁ ଗାନ୍ଧୀ କେବେ ନିଜକୁ ପୂଜନୀୟ ବୋଲି କହିନାହାଁନ୍ତି। ଧର୍ମ ସଂସଦ ପାଇଁ ଗାନ୍ଧୀଙ୍କ ଭଳି ବିନମ୍ର ଏବଂ ତ୍ୟାଗୀ ମହାତ୍ମାଙ୍କର ଆବଶ୍ୟକତା ରହିଛି କିନ୍ତୁ ଦୁର୍ଭାଗ୍ୟର କଥା ଯେ ଆଜିର ସମୟରେ ସେମିତି ମହାତ୍ମା ମିଳିବା ମୁସ୍କିଲ। ଧର୍ମସଂସଦ ସାମାଜିକ ଏବଂ ଆର୍ଥିକ ଅସମାନତାକୁ ଦୂର କରିବାର କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବା ଉଚିତ୍। ଏହା କରାଯାଇପାରିଲେ ଧର୍ମ ଏବଂ ରାଷ୍ଟ୍ର ପାଇଁ ଶୁଭଙ୍କର ହେବ। ଯେଉଁମାନେ ନିଜକୁ ସାଧୁସନ୍ଥ କହି ଗାନ୍ଧୀଙ୍କୁ ସମାଲୋଚନା କରୁଛନ୍ତି ସେମାନେ ଗାନ୍ଧୀଙ୍କ ଜୀବନ ଏବଂ କାର୍ଯ୍ୟରୁ ଶିକ୍ଷାଲାଭ କରିବା ଉଚିତ୍। ହରିଦ୍ୱାର ଏବଂ ରାୟପୁରର ଧର୍ମ ସଂସଦରେ କଥିତ ଧର୍ମାଚାର୍ଯ୍ୟମାନଙ୍କ ବିଚାର ଭାରତୀୟ ମୂଲ୍ୟବୋଧର ସମନ୍ୱୟକାରୀ ପରମ୍ପରାକୁ ଚାଲେ ନିଶ୍ଚୟ। ଭାରତ ବର୍ଷର ବିଧତାକୁ ଅଣଦେଖା କରି ଯେଉଳି ମନ୍ତବ୍ୟ କେତେକ କଥିତ ସାଧୁସନ୍ଥ ଦେଇଛନ୍ତି ତାହା ଦେଶର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର

**ସରୋଜ କୁମାର ପାତ୍ର**

# ସ୍ୱାଧୀନତା ସଂଗ୍ରାମର ବୀର ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ପା ୧୯୪୫ ମସିହା ଅଗଷ୍ଟ ୧୮ର ଭାରତର ସ୍ୱାଧୀନତା ସଂଗ୍ରାମର ବୀର ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ତାଇୱାନ ବିମାନ ଦୁଘର୍ଟଣାରେ ପ୍ରାଣ ହରାଇଥିଲେ। ଏହି ଦୁଘର୍ଟଣାର କେତକ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରି ବ୍ରିଟେନ ଏକ ୱେବ୍‌ସାଇଟ୍ ତଥ୍ୟ ପ୍ରକାଶ କରିଛି। ଏହି ୱେବ୍‌ସାଇଟ୍‌ଟି ନେତାଜୀଙ୍କ ଅନ୍ତିମ ସମୟର କେତକ ଘଟଣାବଳୀ ସମ୍ପର୍କିତ ତଥ୍ୟକୁ ଆଧାର କରି ତିଆରି କରାଯାଇଛି। ଉକ୍ତ ଘଟଣା ସହ ସମ୍ପର୍କ ଥିବା କେତକ ବ୍ୟକ୍ତିବିଶେଷଙ୍କ ବୟାନ, ଦୁଘର୍ଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଲାଗି ଘଟଣାସ୍ଥଳ ପରିଦର୍ଶନ କରିଥିବା ତଥ୍ୟର ଦୁଇଟି ଗୁଇନ୍ଦା ରପୋଟର୍କୁ ଆଧାର କରି ଏହି ରପୋର୍ଟ ପ୍ରକାଶ କରିଛି।

୧୯୫୬ରେ ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ନେତାଜୀ (ଓଭକ୍ତଙ୍କସବ୍ୱର) ଇନ୍‌କ୍ୱାରୀ କମିଟି ରପୋଟର୍କୁ ଆଧାର କରି ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ନେତାଜୀ ଏବଂ ୧୨ରୁ ୧୩ ଅନ୍ୟ ସଦସ୍ୟଙ୍କୁ ନେଇ ଜାପାନର ଏୟାରେଫୋର୍ସ କୋମାର ବିମାନ ୧୯୪୫ ଅଗଷ୍ଟ ୧୮ର ଭିଏତ୍‌ନାମାର ଟେରୋରନ୍ସରୁ ଯାତ୍ରା ଆରମ୍ଭ କରିଥିଲା। ଏଥିରେ ନେତାଜୀଙ୍କ ସହ ଜାପାନ ସେନାବାହିନୀର ଲ୍ୟୁଟନାଣ୍ଟ ଜେନେରାଲ ସୁନାମାସା ଶଦେଇ (ଝଙ୍କଭବଙ୍କବଗ୍ବବ ଝସୟରସ) ମଧ୍ୟ ଉପସ୍ଥିତ ଥିଲେ। ପାଗ ଭଲ ଥିବାରୁ ଏବଂ ବିମାନ ଅବସ୍ଥା ମଧ୍ୟ ଠିକ୍ ଥିବାରୁ ବିମାନଟି ହୋଇେତା ଉପର ଦେଇ ଅଗଷ୍ଟ ୧୮ର ତେଇେପଇ ପହଞ୍ଚିବ ବୋଲି ପାଇଲଟ ସୂଚନା ଦେଇଥିଲେ। ବିମାନେର ଯାତ୍ରା କରୁଥିବା ଜାପାନର ଏୟାରଷ୍ଟାଫ୍ ଅଫିସର ମେଜର ଟାରୋ କନୋ (ଛବକ୍ସକ୍ଟ ଉବଭକ୍ଟ) ଉକ୍ତ କମିଟିକୁ ଜଣାଇଥିଲେ ଯେ, ବିମାନର ବାମ ପାର୍ଶ୍ୱର ଇଞ୍ଜିନ ଠିକ୍ ଭାବେ କାମ କରୁନଥିବା ଲକ୍ଷ୍ୟ କରିଥିଲେ। ଏହାପେର ସେ ଯାଞ୍ଚ କରିଥିଲେ ଏବଂ ଠିକ୍ ଥିବା ଜାଣିବାକୁ ପାଇଥିଲେ। ତାଙ୍କ ସହ ଥିବା ଇଞ୍ଜିନିୟର ମଧ୍ୟ ଏହାକୁ ଯାଞ୍ଚ କରିଥିଲେ। ତେବ ବିମାନଟି ରନ୍‌ୱେର ଉଡ଼ିବା ଆରମ୍ଭ କରିବା କ୍ଷଣି ସେଥିରେ ଏକ ବିସ୍ଫୋରଣ ଶୁଣିବାକୁ ମିଳିଥିଲା। ତୋପ ମାଡ଼ ହେବା ଭଳି ଶବ୍ଦ ଶୁଣିବାକୁ ମିଳିଥିଲା। ଏହାପେର ବିମାନଟି ବାମପାର୍ଶ୍ୱକୁ ଢଳି ଯାଇଥିବା ରନ୍‌ୱେର ଥିବା ଇଞ୍ଜିନିୟର କ୍ୟାପ୍‌ଟେନ ନକମୁରା ପ୍ରକାଶ କରିଥିଲେ। ଏହି ସମୟେର ବିମାନଟି ମାତ୍ର ୩୦ରୁ ୪୦ ମିଟର ଉପେର ଉଡୁଥିଲା। ରନ୍‌ୱେର ମାତ୍ର ୧୦୦ ମିଟର ଦୂରେର ବିମାନଟି ଦୁଘର୍ଟଣାର ସମ୍ମୁଖୀନ ହୋଇଥିଲା। ବିମାନର ସମ୍ମୁଖ ଭାଗେର ଅଗ୍ନି ସଂଯୋଗ ହୋଇଯାଇଥିଲା। ତେବେ ବିମାନର ମୁଖ୍ୟ ପ୍ରେବଶ ପଥ ଦେଇ ଆମେ ବାହାରି ପାରିବା ନାହିଁ ଏବଂ ପଛପଟ ଦେଇ ବାହାରିବା ବୋଲି ତାଙ୍କ ସହ ଯାତ୍ରା କରୁଥିବା ଜେନେରାଲ ରହମାନଙ୍କୁ ନେତାଜୀ କହିଥିଲେ। ଏହାପେର ରହମାନ ନେତାଜୀଙ୍କୁ ବିମାନ ଭିତରୁ ବାହାର କରିଥିଲେ। ତାଙ୍କ ମୁଣ୍ଡର ବାମପାର୍ଶ୍ୱରେ ଗଭୀର କ୍ଷତ ହୋଇଥିଲା। ନିଆଁରେ ତାଙ୍କ ମୁହଁ ମଧ୍ୟ ଆଂଶିକ ଭାବେ ପୋଡ଼ି ଯାଇଥିଲା। ଶରୀରେର ଥିବା ପୋଷାକ ମଧ୍ୟ ପୋଡ଼ି ଯାଇଥିଲା। ତମକୁ ଅଧିକ କ୍ଷତି ହୋଇନାହିଁ ତ ବୋଲି ନେତାଜୀ ଏହି ସମୟେର ତାଙ୍କ ଉତ୍ତର ଦେଇଥିଲେ। କିନ୍ତୁ ନେଜାତୀ ମୁଁ ଆଉ ବଞ୍ଚିବିନି ବୋଲି ପ୍ରକାଶ କରିଥିଲେ। ନେତାଜୀ କହିଥିଲେ ଯେ, ଯେତେବେଳେ ଭାରତକୁ ଫେରିବ ନେତାଜୀ ଶେଷ ମୁହୂର୍ତ୍ତ ଯାଏ ଭାରତର ସ୍ୱାଧୀନତା ଲାଗି ସଂଗ୍ରାମ ଜାରି ରଖିଥିଲେ ବୋଲି ମୋ ଦେଶର ଭାଇଭଉଣୀମାନଙ୍କୁ ଜଣାଇବ। ସେମାନେ ସ୍ୱାଧୀନତା ସଂଗ୍ରାମକୁ ଜାରି ରଖିଥିବେ। ହିନ୍ଦୁସ୍ତାନ ନିଶ୍ଚୟ ସ୍ୱାଧୀନ ହେବ। 'ତାକୁ କେହି ଭୃତ୍ୟ କରି କରି ରଖିପାରିବେ ନାହିଁ'। ଏହା ଥିଲା ନେତାଜୀଙ୍କ ଶେଷକଥା ବୋଲି ରହମାନ ଉକ୍ତ କମିଟିକୁ କହିଥିଲେ।



**ସରୋଜ କୁମାର ପଣ୍ଡା**

ଉକ୍ତ ବିମାନେର ଯାତ୍ରା କରିଥିବା ଲ୍ୟୁଟନାଣ୍ଟ କୋଲୋନେଲ ଶିରୋ ନେନୋଗାକି କହିଥିଲେ ଯେ, ବିମାନର ବାମ ୱିଙ୍ଗସ୍ ନିକଟରେ ଛିଡ଼ା ହୋଇଥିଲେ ତାଙ୍କ ପୋଷାକ ପୋଡ଼ି ଯାଇଥିଲା ଏବଂ ରହମାନ ତାଙ୍କ କୋର୍ଟ ସାହାଯ୍ୟର ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଦୁଘର୍ଟଣାର ୧୧ ବର୍ଷ ପେର ପ୍ରତ୍ୟକ୍ଷଦର୍ଶୀ କୋଲୋନେଲ ରହମାନ ତାକାହାସି ଏବଂ ନକମୁରା ଦେଇଥିବା ବୟାନେର କିଛିଟା ପାଥର୍କ୍ୟ ଥିଲେ ସୁଦ୍ଧା ସମସ୍ତ ଉକ୍ତିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ, ଦୁଘର୍ଟଣାରେ ନେତାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦୁଘର୍ଟଣା ପରେ ତାଙ୍କୁ ନିକଟସ୍ଥ ନାନମୋନ୍ ସେନା ଡ଼ାକ୍ତରଖାନରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ତେବେ, ନେତାଜୀଙ୍କର ଦେଶପ୍ରେମର ଆଦର୍ଶ ଥିଲା ଭିନ୍ନ। ସେ ସୁଦୂରଦର୍ଶୀ ଭାବରେ ଜାଣିଥିଲେ ଇଂରେଜମାନଙ୍କୁ ପରାସ୍ତ କରି ହଟାଇବା ପାଇଁ (ହିଁ ସାର) ମାର୍ଗ ହିଁ ଆପଣେଇବା ପାଇଁ ବାଧ। ଅହିଂସାର ମାଗଦର୍ଶନରେ ସଂଗ୍ରାମୀମାନେ ବ୍ରିଟିଶମାନଙ୍କ ହାତରେ ବଳି ପଡ଼ିଯାଉଛନ୍ତି। କେତେ ଯେ, ନିରୀହ ସ୍ୱାଧୀନତା ସଂଗ୍ରାମୀ ଏହି ଅନ୍ଦୋଳନର ଝାସ ଦେଲେଣି ତା'ର ହିସାବ ଗାନ୍ଧିଜୀ ଦେଇପାରିବେ କିବୋଲି ଥରେ ଗାନ୍ଧୀଙ୍କୁ ପଚାରିଥିଲେ। ମୁଁ ଏହାକୁ ହୃଦୟତାର ସହ କୌଣସି ପ୍ରକାରେ ବରଦାସ୍ତ କରିପାରିବି ନାହିଁ। ଆମକୁ ଯେଶାକୁ ତେସା ନୀତିରେ ଲଢ଼େଇ କରିବାକୁ ହିଁ ପଡ଼ିବ। ଇଂରେଜମାନେ ଜାଣିଥିଲେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ଭାରତୀୟ ମାନଙ୍କୁ ସହଜରେ ପରାସ୍ତ କରି ନିୟନ୍ତ୍ରଣ କରାଯାଇ ପାରିବ। ଆମେ ନିରୀହ, ସରଳ, ଆମେ ଶାନ୍ତିପ୍ରିୟ ଅହିଂସାର ବାର୍ତ୍ତା ପ୍ରଚାର କରୁଥିବା ବେଳେ ହଜାର ହଜାର ନିରୀହ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶରଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ସତ୍ୟଯୁଗରେ ମଧ୍ୟ ମହାଭାରତରେ ଅହିଂସାର ନିଦର୍ଶନ ପ୍ରତିଫଳିତ ହୋଇଥିବା ବେଳେ ଆବଶ୍ୟକସ୍ଥଳେ ହିଂସାର ରୂପ ନେବା ପାଇଁ ଆମକୁ ଦିଗ୍‌ଦର୍ଶନ ଦେଇଛି। ଯାହା ସମସ୍ତ ବିଶ୍ୱକୁ ଚକିତ କରିଥିଲା। ତେଣୁ, ଆଜି ସେହି ସଂଗ୍ରାମୀ ମହାପୁରୁଷଙ୍କର ମହତ୍ୱ ଉପଦେଶକୁ ନିଶ୍ଚିତ ରୂପେ ଆଜିର ପବିତ୍ର ଦିବସରେ ଭାରତୀୟମାନଙ୍କୁ ସ୍ମରଣ କରିବାର ଯଥାର୍ଥତା ଜରୁରୀ। ନେତାଜୀଙ୍କର ସେହି ଚେତନାଶୀଳ ଭାବନାର ଉତ୍ତର ବାସ୍ତବରେ ପ୍ରତିଫଳନ ରୂପାନ୍ତରିତ ହୋଇଥିଲା କି ନାହିଁ ତାହା ମୁଁ ଆଜି ଭାରତୀୟମାନଙ୍କୁ ପଚାରିବା ପାଇଁ ଚାହେଁ। ନେତାଜୀଙ୍କ ଆଦର୍ଶକୁ ଆଜି ଆମ୍ଭେ ଭୁଲିଯାଇ ସ୍ୱାଧୀନ ଦେଶର ଏକ ଶାନ୍ତିପ୍ରିୟ ରାଷ୍ଟ୍ରର ମାନ୍ୟତା ପାଇଥିବାରୁ ଏହାକୁ ଦୁର୍ବଳ ମନେକରି ସ୍ୱାଧୀନ ଦେଶର ନାଗରିକ ହୋଇଥିଲେ ମଧ୍ୟ ପଡୋଶୀ ଦେଶ ଭାବରେ ଆମଠାରୁ ଜନ୍ମ ନେଇ ପାକିସ୍ତାନ ଓ ଚୀନ୍ ଆମକୁ ଶାନ୍ତିପ୍ରିୟ ଭାବରେ ରହିବା ପାଇଁ ଚାହୁଁନାହାଁନ୍ତି। ଏହି ପରିପ୍ରେକ୍ଷୀରେ ନେତାଜୀ ସେତେବେଳେ ଯଦି ଥାଆନ୍ତେ, ଭାରତକୁ ଖଣ୍ଡବିଖଣ୍ଡିତ କିରବାର ଆସ୍ଫାଳନ ବିଫଳ ହୋଇଥାନ୍ତା ନିଶ୍ଚୟ।

ତେଣୁ, ହେ ମହାପୁରୁଷ, କେଉଁଠାରେ ଅଛ ? ଖୋଜୁଛି ତୁମକୁ ଏଇ ଭାରତବର୍ଷ। ତୁମେ କହିଥିଲ, ମୋତେ ରକ୍ତ ଦିଅ ଭୁଲିଯିବ ନାହିଁ ଏଇ ମଣିଷ ଯେଉଁଠି ବଞ୍ଚିବେ, ଯେଉଁଠାରେ ଥାଅ ଭାରତମାତାକୁ ଆଶୀର୍ବାଦ ଦିଅ। ସର୍ବଶେଷରେ, ଆଜି ତାଙ୍କର ପୂର୍ଣ୍ୟତିଥି ଜୟନ୍ତୀ ଅବସରରେ ମୁଁ ଜଣେ ଆନ୍ତରିକତାର ସହିତ ଗର୍ବିତ ଭାରତୀୟ ଭାବେ ତାଙ୍କର ନୀତି, ଆଦର୍ଶ, ନୈତିକତା, ଜଳାଞ୍ଜଳି, ଚିନ୍ତାଧାରାକୁ ଅନୁସରଣ, ଅନୁକରଣ କରିବାର ସମୟ ଉପନୀତ ହୋଇଥିବାରୁ ତାଙ୍କର ହୃଦୟକୁ, ସହୃଦୟତାର ସହିତ ସସମ୍ମାନ ଜଣାଇ ଭକ୍ତିଭୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଜୟହିନ୍ଦ, ଜୟ ନେତାଜୀ, ଜୟ ଭାରତମାତା।

# ଧନବାଦୀ ଦୁନିଆରେ ଜନବାଦୀ ସାହିତ୍ୟ

ଧନବାଦୀ ସମାଜ ମୁଷ୍ଟିମେୟ ମୁନାଫାଖୋର ମହାଜନ ଓ ମାଫିଆର ମିଳିତ ଚକ୍ର ଦ୍ୱାରା ଚାଳିତ ଓ ପରିଚାଳିତ ଏକ ଜଡ଼ବାଦୀ ସମାଜ। ଚେତନା ଉପରେ ଧଳା ଚାଦରଟାଏ ଢାଙ୍କିଦେଇଥିବା ଏ ସମାଜର ମୂଳଧନ ହେଉଛି ଗୁପ୍ତଧନ। ଏ ଗୁପ୍ତଧନ ଆସିଥାଏ କେଉଁଠୁ ? ଆସିଥାଏ କୋଟିକୋଟି କଂକାଳସାର ମଣିଷଙ୍କୁ ଦରିଦ୍ର୍ୟର ସୀମାରେଖା ସେପଟେ ଏକ ବ୍ୟାତାମୂଳକ ବଂଚିତ ଜୀବନଧାରାରେ ବନ୍ଧା ପକାଇରଖିଥିବା ବୀଭତ୍ସ ଶୋଷଣପ୍ରକ୍ରିୟା ମଧ୍ୟରୁ। ଧନବାଦୀ ସମାଜ ଜନସ୍ୱାର୍ଥର ଜଘନ୍ୟ ଜହ୍ଲାଦ। ରାଜନୀତି, ଅର୍ଥନୀତି, କୃଷିନୀତି, ଶିକ୍ଷାନୀତିଠାରୁ ବୈଦେଶିକ ନୀତିଯାଏଁ ସବୁକ୍ଷେତ୍ରରେ ଧନବାଦୀ ସମାଜ ତାର ପାଲଭୃତମାନଙ୍କୁ ପହରାଦାର ରୂପେ ରଖିଆସିଛି। ରକ୍ଷିତ-ସ୍ୱାର୍ଥର ସଂରକ୍ଷିତ ବ୍ୟବସ୍ଥାଟାଏ ଏ ଧନବାଦୀ ସମାଜ। ତାର ଗୁପ୍ତ ନିର୍ଦ୍ଦେଶନାମାରେ ଆସନ ଶାସନର ଖସଡ଼ା ତିଆରି ହୁଏ- ସାରା ଦେଶକୁ ଜାଗିରି ରୂପେ ବ୍ୟବହାର କରାଯାଇ ଜାତିର ଭାଗ୍ୟ ଓ ଭବିଷ୍ୟତକୁ ବିକିଦିଆଯାଏ ବିଦେଶର ବିଚ୍‌ବଜାରରେ ! ଗୋଟିଏ ସ୍ୱାଧୀନରାଷ୍ଟ୍ରକୁ କବଳିତ କରିଦିଆଯାଏ ଅର୍ଥନୈତିକ ପରାଧୀନତାର କଠୋର ଶୃଂଖଳରେ। ବ୍ୟକ୍ତିଠୁ ଛଡ଼ାଇନିଆଏ ଅଭିବ୍ୟକ୍ତି ଏବଂ ନାଗରିକଙ୍କଠୁ ଅଧିକାର।

ଏହି ଯେଉଁ ଧନବାଦୀ ସମାଜର ଧୂର୍ତ୍ତଧୂସର ଚରିତ୍ର, ସେ ଚରିତ୍ର କ'ଣ ଜନବାଦୀ ସାହିତ୍ୟର ଜନ୍ମଲଗ୍ନକୁ ସ୍ୱାଗତ କରିପାରେ କେବେ ? କଦାପି ନୁହେଁ। ସେଥିପାଇଁ ଜନବାଦୀ ସାହିତ୍ୟର କର୍ଣ୍ଣଧାରମାନଙ୍କୁ ଏଠି ପୁରସ୍କାର ବଦଳରେ ତିରସ୍କାର ଆଉ ସ୍ୱୀକୃତି ପରିବର୍ତ୍ତେ ମିଳିଥାଏ ଧିକ୍‌କୃତି।

ଜନବାଦୀ ସାହିତ୍ୟର ଧର୍ମ ହେଉଛି ସମାଜବିକାଶର ବିଜ୍ଞାନସମ୍ମତ ସୂତ୍ରଗୁଡ଼ିକୁ ସ୍ୱର ଓ ଶବ୍ଦରେ ରୂପାୟିତ କରି ସଚେତନତା ସୃଷ୍ଟି କରିବା- ଅର୍ଥାତ୍ ଚେତନା ଉପରେ ଧଳାଚାଦର ଘୋଡ଼ାଇଦେଇଥିବା ଧନାବାଦୀ ସମାଜର ମୁଖା ଖୋଲିଦେବା। ଏହି ଆଭିମୁଖ୍ୟକୁ କ'ଣ ବରଦାସ୍ତ କରାଯାଇପାରିବ ଧନବାଦୀ ଦୁନିଆରେ ? ଜନଜାଗରଣ ପ୍ରତି ଧନବାଦୀ ସମାଜର ପ୍ରାଣେଡର। ଆସନ୍ନ ବିପ୍ଳବର ପଦଧ୍ୱନି ପ୍ରତି ସେ ଆଶଙ୍କାଜର୍ଜର। ଜନବାଦୀ ସାହିତ୍ୟକୁ ତେଣୁ ଧନବାଦୀ ସମାଜତନ୍ତ୍ରର ବଡ଼ପଣ୍ଡାଏ କହନ୍ତି ଶସ୍ତା ସାହିତ୍ୟ, ପ୍ରଚାରଧର୍ମୀ ସାହିତ୍ୟ। ଧନବାଦୀ ସମାଜର ଭଡ଼ାଟିଆ ବୁଦ୍ଧିଜୀବୀଏ ବାହାବା ଶୁଣାନ୍ତି ପ୍ରାଣହୀନ ଦୁର୍ବୋଧତାର ଦୁର୍ବୃତବର୍ଗଙ୍କୁ- ଯେଉଁ ବର୍ଗ ସାହିତ୍ୟକୁ ସମ୍ପତି ମଣିଥାଏ, ଅନ୍ୟ ଭାଷାରୁ ଡକାୟତି କରି ଆଣିଥାଏ ଭୂଆଁବୁଲା ଭାବଧାରା, ପରଲୁଗା ପିନ୍ଧି ଯାତକୁ ଯାଉଥାଏ ଆଉ ପଚାରୁଥିବା ବେଳେ ଟୁଙ୍ଗାରୁଥାଏ ମୁଣ୍ଡଟିମାନ। ଜନବାଦୀ ସାହିତ୍ୟର ଭୂମିକା ବିଚାର ପ୍ରସଂଗରେ ଗୋଟିଏ ମାରାତ୍ମକ ଦିଗପ୍ରତି ମୁଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି। ମାରାତ୍ମକ ଦିଗ ? ହଁ, ମାରାତ୍ମକ - ଭୀଷଣ ଭାବରେ ମାରାତ୍ମକ। ତା' ହେଉଛି- ଜନବାଦୀ ସାହିତ୍ୟର ଶିବିରରେ ବିପ୍ଳବୀର ମୁଖା ମଡ଼ାଇ ବସିଥିବା କିଛି ଲେଖକ କିଛି କାଳ ଭୁଆଁ ବୁଲାଇଥାନ୍ତି ଜନଗଣଙ୍କୁ। ବିପ୍ଳବୀ ବେଶରେ ଥିବା ଏହି ପ୍ରତିବିପ୍ଳବୀମାନଙ୍କୁ ଚିହ୍ନଟ କରିବାବେଳକୁ ନେଡ଼ିଗୁଡ଼ କହୁଣିକି ବୋହିଯାଇଥାଏ। ଏମାନେ ଧନବାଦୀ ସମାଜର ପ୍ରବକ୍ତା ଓ ପ୍ରତିନିଧିସ୍ଥାନୀୟ ଲେଖକମାନଙ୍କଠାରୁ ଆହୁରି ନିଂଦନୀୟ। ଏମାନେ ନୀଳବର୍ଣ୍ଣ ଶୃଗାଳ- ଜମି ଛାଡ଼ି ଜଂଗଲକୁ ପଳାଇଆସିଥାନ୍ତି ପ୍ରଜାମଂଗଳ ପାଇଁ ନୁହେଁ, ବରଞ୍ଚନିଜେ ମୁକୁଟ ମଡ଼ାଇ ରାଜା ହେବାପାଇଁ। ଶ୍ରେଣୀଚରିତ୍ରରେ ଏମାନେ ଶକୁନିସଂସ୍କୃତିର ସୂତ୍ରଧର।

ଯେଉଁମାନେ ସମାଜବାଦୀ ସାହିତ୍ୟିକବର୍ଗଙ୍କ ଦୃଷ୍ଟିରେ 'ବୁର୍ଜୁଆ ଲେଖକ', ସେମାନେ ଏହି ଉପରବର୍ଣ୍ଣିତ ତଥାକଥିତ 'ବିପ୍ଳବୀ' ଲେଖକ ଅଥଚ ପ୍ରକୃତରେ ଛଦ୍ମବିପ୍ଳବୀ ବା ପ୍ରତିବିପ୍ଳବୀ ଲେଖକବର୍ଗଙ୍କ ଅପେକ୍ଷା ବରଂ ଅଧିକ ସ୍ୱାଗତଯୋଗ୍ୟ। ବୁର୍ଜୁଆ ଲେଖକର ହାହାକାର ତଥାକଥିତ 'ବିପ୍ଳବୀ' ଲେଖକର ହୁଂକାର ଅପେକ୍ଷା ଅଧିକ ଆନ୍ତରିକ ଓ ଆବେଦନଧର୍ମୀ। ଅତଏବ ଭଲ କରି ଚିହ୍ନିରଖ ଭ୍ରାତାଙ୍କ ବଦନ ନ୍ୟାୟରେ ଆମେ ବିପ୍ଳବୀ ବେଶରେ ବାଟରେ ପଟୁଆର ସଜାଉଥିବା ପ୍ରତିବିପ୍ଳବୀବର୍ଗଙ୍କ ପ୍ରତି ସଦାସଜାଗ ରହିବା ଜରୁରି।

ଏବେ ଆସିବା ଧନବାଦୀ ଦୁନିଆରେ ସାହିତ୍ୟର ଶ୍ରେଣୀ ଓ ଚରିତ୍ର ଚର୍ଚ୍ଚା କ୍ଷେତ୍ରକୁ। ଏଠି କି ଶ୍ରେଣୀର ସାହିତ୍ୟ ସର୍ଜନ ଚାଲିଛି ? ଏ ସାହିତ୍ୟ କ'ଣ ମଣିଷର କଥା କହେ ନା ମାଟିର କଥା ? ଏ ସାହିତ୍ୟ ହେଉଛି ମଲାଙ୍ଗ ସାହିତ୍ୟ- ଏହାର ପ୍ରକୃତ ପିତୃତ୍ୱ ଅଘୋଷିତ ଭାବରେ ବଜାୟ ରହିଛି ବିଦେଶ ଭୂଇଁରେ। ବିଦେଶର ଚିନ୍ତନ ପ୍ରକ୍ରିୟାକୁ ସମୀକୃତ କରି ଦେଶର କିଛି ସାକ୍ଷର ଶିକ୍ଷିତବର୍ଗ ଯେଉଁ ମୋଟାମୋଟା ହରରଙ୍ଗୀ ମଲାଟମାର୍କା ବହିଗୁଡ଼ାକୁ ସାହିତ୍ୟ ଆଳରେ ବଜାରସାମଗ୍ରୀରେ ପରିଣତ କରିଦେଲେଣି, ତା' ଭିତରେ ନା ଅଛି ପ୍ରାଣ ନା ସ୍ପନ୍ଦନ ! ଲୋକସମାଜ ଦ୍ୱାରା ବର୍ଜିତ ବା ବିସର୍ଜିତ ଏ 'ସାହିତ୍ୟ'ର ଶ୍ରେଣୀକରଣ କରାଗଲେ ଜଣାପଡ଼ିଯାଏ ଯେ ଗୁଡ଼ିଏ ଅମୌଳିକ ଆବର୍ଜନା ହିଁ ଏଠାରେ ବୌଦ୍ଧିକ ସର୍ଜନା ନାମରେ ବିଜ୍ଞପିତ ହେଉଛି। ଏ ସାହିତ୍ୟର ପାଠକ ନାହାନ୍ତି, ମାତ୍ର ଅଛନ୍ତି ସମ୍ମିଳିତ ସମୀକ୍ଷକ, ସ୍ୱାର୍ଥପ୍ରଣୋଦିତ ସ୍ତୁତିକାରକ, ପ୍ରବଂଚନାକାରୀ ପ୍ରଚାରକ ବା ପ୍ରଶିକ୍ଷିତ ପ୍ରଶଂସକ। ନ୍ୟସ୍ତସ୍ୱାର୍ଥ ଏକ ଗୋଷ୍ଠୀ ଏ ସାହିତ୍ୟର ପୁଚ୍ଛଧାରୀ ପୃଷ୍ଠପୋଷକ। ଏପରିକି ଏ ପ୍ରକାର ସଂକର ଶ୍ରେଣୀର ସାହିତ୍ୟକୁ ଏ ଗୋଷ୍ଠୀ 'ସିଲାବସ୍'ରେ ସାମିଲ୍ କରାଇଦେଇ ପ୍ରକୃତ ପ୍ରତିଭାର ପ୍ରତିଶ୍ରୁତି ପ୍ରତି ଘୋର ଅନ୍ୟାୟର ଏକ କୁଟିଳ ଚକ୍ର ସୃଷ୍ଟି କରିସାରିଛନ୍ତି। ଏହାର ପ୍ରତିବାଦ କରିବ କିଏ ? ଯିଏ କରିବ ତାକୁ ବାଛନ୍ଦ କରିଦିଆଯିବ ଅବିଳମ୍ବେ।

ସମାଜକୁ ବଦଳାଇଦିଅ କହୁଥିବା ମାମଲତକାରମାନଙ୍କୁ ମୁଁ କହିଥାଏ - ନିଜକୁ ବଦଳାଇଦିଅ। ରାତିଅଧରେ ଅନାୟାସରେ ଦଳ ବଦଳାଇଦେଉଥିବା ଦଳେ ଦୁଃଶାସନୀ ଦେଶକୁ ବଦଳାଇ ଦେଇପାରିବେ କି ? ଦେଶଠୁ ଦଳ ସେମାନଙ୍କ ପାଇଁ ବଡ। ସମାଜଠୁ ସାଆନ୍ତ ଶ୍ରେଣୀଟି ସେମାନଙ୍କ ପାଇଁ ମାନ୍ୟବର। ଜାତୀୟ ପତାକାଠୁ ଦଳୀୟ ପତାକା ସେମାନଙ୍କ ପାଇଁ ଶ୍ରେୟସ୍କର। ପୁଞ୍ଜିବାଦର ପାଞ୍ଜିଆକରଣମାନେ ସାରାଦେଶର ଅର୍ଥନୀତିକୁ ଏକପ୍ରକାର ବିପର୍ଯ୍ୟୟ ବିତୀୟ ବ୍ୟବସ୍ଥାରେ ପରିଣତ କରିଦେଇଛନ୍ତି। ଏହାଦ୍ୱାରା ଦେଶବାସୀ ଗୋଟାଏ କଳା ଅର୍ଥନୀତିର କରୁଣ ଶିକାର ହୋଇସାରିଛନ୍ତି। ନାଗରିକମାନେ ଗୋଟିଏ ପଟେ ଭୁଆଁବୁଲା ଭୋଟର୍‌ବାହିନୀର ତାଲିକାଭୁକ୍ତ ହୋଇସାରିଥିବାବେଳେ ଆରପଟେ ଗୁଡ଼ିଏ ଧୂର୍ତ୍ତଚତୁର ଦେଶୀବିଦେଶୀ କମ୍ପାନୀଙ୍କ ବୁଦ୍ଧିବୃତିହୀନ ଗରାଖଶ୍ରେଣୀ ହୋବକୁ ବାଧ ହୋଇଛନ୍ତି। ଏ ଦେଶର କୁଟୀରଶିଳ୍ପ କବରସ୍ଥ, ଚାଷଜମି ବନ୍ଧ୍ୟାଭୂମି ଏବଂ ବାସଭୂମି କୁଚକ୍ରୀ କୁବେରକୁଳ ଦ୍ୱାରା କବଳିତ। ନ୍ୟାୟବ୍ୟବସ୍ଥା ଦଳିତ-ଦୁର୍ଗତ-ଦରିଦ୍ର ନାଗରିକପାଇଁ ଅପହଂଚ। ଶିକ୍ଷା, ସ୍ୱାସ୍ଥ୍ୟ ଏ ସ୍ୱାୟତ ଶାସନପର୍ବରେ ସର୍ବାଧିକ ଅବହେଳିତ କ୍ଷେତ୍ର। ସ୍ୱାଧୀନତା ପରେ ଭାରତବର୍ଷ ପାଲଟିଛି ଭସ୍ମଶଯ୍ୟା - ଯାହା ଉପରେ ଆମର ମୃତସ୍ୱପ୍ନ ଓ ନଷ୍ଟ କଳ୍ପନାର କବନ୍ଧ ଗଡୁଛି କେବଳ।

ଏ ଦେଶର ସାଂପ୍ରତିକ ପରିସ୍ଥିତିକୁ ନେଇ ଯାହା ଲେଖାଯିବ, ତାହା କେବଳ ଗୋଟାଏ ବିରାଟ କଳା'ର୍ଦ୍ଦ ଛଡା ଆଉ କ'ଣ ? ଠିକ୍ ଏତିକିବେଳେ ଆଉଗୋଟିଏ ବିପଜ୍ଜନକ ଦିଗ ଉପରେ ଆଲୋକପାତ କରାଯିବାର ସମୟ ପହଂଚିଗଲାଣି। ଏଇ କିଛିବର୍ଷ ଧରି ଲକ୍ଷ୍ୟ କରାଯାଉଛି ଯେ ଏ ଦେଶର ତୁଙ୍ଗବ୍ୟକ୍ତିତ୍ୱମାନଙ୍କ ଭାବମୂର୍ତ୍ତିକୁ କଳଙ୍କିତ କରିବାର କୁଟିଳ ଚକ୍ରାନ୍ତ ବେଶ୍ ସନ୍ତର୍ପଣରେ କାୟା ବିସ୍ତାରୁଛି। ଗାନ୍ଧି, ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥଙ୍କ ପରି ପ୍ରସିଦ୍ଧ ମନୀଷୀମାନଙ୍କୁ ଜନଚକ୍ଷୁରେ କ୍ଷୁଦ୍ର ଓ ଖର୍ବ କରିଦେବାର ଖଳ ଉଦ୍ୟମ କେବଠୁ ଆରମ୍ଭ ହୋଇସାରିଛି। ଭାରତବର୍ଷର ନୈତିକ ଶକ୍ତିକୁ ନିଷ୍ପ୍ରଭ କରିଦେବାର ଏ ହୀନଯୋଜନା ପଛରେ ଆମେରିକାର ଅକଲ ଓ ଅର୍ଥ ଉଭୟ କାମ କରୁଛି। ଭାରତୀୟମାନଙ୍କୁ ମାନସିକ ଆଘାତ ଦେଇ ଏକ ନୈତିକ ପଙ୍ଗୁ ଜାତିରେ ପରିଣତ କରିଦେବାର ଏହି ବିଷପ୍ରକ୍ରିୟାରେ ଆମର ଅନେକ ଲେଖକ, ବୁଦ୍ଧିଜୀବୀ ସୁଦ୍ଧା ବିଭ୍ରାନ୍ତ। ଏ ବିଡମ୍ବନାକୁ ରୋକିବାକୁ ହେବ। ଗବେଷଣା ଦ୍ୱାହିରେ ବଡମଣିଷଙ୍କ ବ୍ୟକ୍ତିଗତ ପୃଥିବୀର ଅନ୍ଧାରୀ ଦିଗର ଆୟ ଉନ୍ମୋଚନ ପ୍ରକୃତରେ ସତ୍ୟସନ୍ଧିତ୍ସା ନା ଅସତ୍ୟ-ଅଭିସନ୍ଧି – ଏହା ବିଚାରବିର ବେଳ ଆସିଯାଇଛି। ଯେଉଁ ଗୃହଶତ୍ରୁବାହିନୀ ଏ ବିଷପ୍ରକ୍ରିୟାରେ ବ୍ୟାପୃତ, ସେମାନେ ବିଦେଶୀ ହାତର ଗୋଟିଏଗୋଟିଏ ବଟକରା ମାତ୍ର – ଏହା ମୋର ସ୍ପଷ୍ଟ ମତ। ଏପରି 'ଜ୍ଞାନୀ', 'ଗୁଣୀ', 'ଗବେଷକ' ମୋ ଦୃଷ୍ଟିରେ ଆଭ୍ୟନ୍ତରୀଣ ଆତଙ୍କବାଦୀ ଛଡା ଆଉକିଛି ନୁହନ୍ତି ! ଭାବୀ ସମାଜର ଭିତିସ୍ଥାପୟିତାବର୍ଗ ଆଜିଠୁ ସତର୍କ ରହି ଏମାନଙ୍କ ପ୍ରତି କଠୋର ଶାସ୍ତିବିଧାନ କରନ୍ତୁ – ମୋର ଅନୁରୋଧ। ନ ହେଲେ ଦୁର୍ନୀତିପଙ୍କରେ ବୁଡିବୁଡି ଯାଉଥିବା ଗୋଟାଏ ଦେଶ ପାଇଁ ନୈତିକ ଭବିଷ୍ୟତ ବୋଲି କିଛି ଆଉ ନ ଥିବ। ଦୁର୍ଗତ ଦେଶ ଓ ଦୁଃସ୍ଥ ସମାଜର ଅଂଶୀଦାର ଭୂମିକାରେ ଥିବା ଜଣେ ସମକାଳୀନ ଲେଖକର ବକ୍ତବ୍ୟରେ ବ୍ୟର୍ଥତା, ବିସମ୍ବାଦ, ବିଡମ୍ବନା ଓ ବିଭୀଷିକାର ବିବରଣୀ ନିଶ୍ଚିତଭାବରେ ବାଧ୍ୟତାମୂଳକ ବିଷୟବସ୍ତୁ। ଏହା ସତ୍ତ୍ୱେ ଆସନ୍ତାକାଲି ପାଇଁ ଆଶୀର୍ବାଦର ଅପେକ୍ଷା ରଖିଯିବାକୁ ପଡେ। ଯେଉଁ ଦେଶରେ ଜନ୍ମ ନେଇଛୁ, ସେ ଦେଶର ଅମରତ୍ୱ ଆମର କାମ୍ୟ। ଏଥିପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିବାକୁ ପଡିବ ଏ ଦେଶର ଗୁପ୍ତଘାତକବର୍ଗ ଉଦ୍ଦେଶ୍ୟରେ।

ଧନବାଦୀ ଦୁନିଆକୁ ଗୋଟାଏ ଧମକ୍- ଜନବାଦୀ ସାହିତ୍ୟ। ପିଙ୍ଗଳ ରଙ୍ଗର ଚରିତ୍ରହୀନ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହିତ କରିଚାଲୁଥିବା ଆଜିର ବିକୃତ ସାଂସ୍କୃତିକତାକୁ ଜନବାଦୀ ସାହିତ୍ୟ ଦିନେ ନା ଦିନେ ଠିକଣା ଜବାବ୍ ଦେବ- ଏହା ଅଦୂର ଭବିଷ୍ୟତର ସ୍ପଷ୍ଟ ନିର୍ଦ୍ଦେଶନାମା !

**ମାୟାଧର ନାୟକ**

# ଅଭିନେତା ଅରୁଣ ବର୍ମାଙ୍କ ପରଲୋକ

## ‘ନାୟକ’, ‘କିକ୍’ ଫିଲ୍ମରେ କରିଥିଲେ ଅଭିନୟ



ବଲିଉଡ୍ ଅଭିନେତା ତଥା କବି ଅରୁଣ ବର୍ମାଙ୍କ ପରଲୋକ ହୋଇଥିବା ସୂଚନା ମିଳିଛି। ଅରୁଣଙ୍କ ପରଲୋକ ନେଇ ତାଙ୍କ ନାତି ଅମିତ୍ ଏକ ଜାତୀୟ ଖବର କାଗଜ ସଂସ୍ଥାକୁ ସୂଚନା ଦେଇଛନ୍ତି। ସେ ଭୋପାଳରେ ପ୍ରାଣତ୍ୟାଗ କରିଛନ୍ତି । ଅରୁଣ ବଲିଉଡ୍ ଷ୍ଟାର ସଲମାନ୍ ଖାନ୍‌ଙ୍କ ସହିତ ଫିଲ୍ମ କିକ୍ ଏବଂ ମୁଝ୍ ସେ ସାଦି କରୋଗିରେ ଅଭିନୟ କରିଥିଲେ। ଅମିତ୍ କହିଛନ୍ତି, ଗୁରୁବାର ରାତି ୨ଟାରେ ଅରୁଣଙ୍କ ପରଲୋକ ଘଟିଛି। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୋପାଳର ପିପୁଲ୍ସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅରୁଣଙ୍କର ମସ୍ତିଷ୍କରେ ବ୍ଲକ୍ ରହିଥିଲା ଏବଂ ଧିରେ ଧିରେ ଫୁସ୍‌ଫୁସ ସହ ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ଅକାମି ହୋଇଯାଇଥିଲା। ଶେଷରେ ତାଙ୍କର କିଡ୍‌ନୀ ମଧ୍ୟ କାମ କରିନଥିଲା। ମୃତ୍ୟୁ ବେଳକୁ ତରଙ୍କୁ ୬୨ ବର୍ଷ ହୋଇଥିଲା। ସେ ତାଙ୍କ ପିତାମାତାଙ୍କ ସହ ଅନ୍ୟ ୩ ଜଣଙ୍କ ସହିତ ରହୁଥିଲେ। ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ରିପୋର୍ଟ ଅନୁସାରେ ଅରୁଣ ନିକଟରେ କଙ୍ଗନା ରଣାଓ୍ୱାତ୍‌ଙ୍କ ପ୍ରୋଜେକ୍ଟ ଟିକୁ ୱେଡ୍‌ସ ସେରୁର ସୁଟିଙ୍ଗ୍ ସାରିଥିଲେ। ୧୯୮୭ ମସିହାରେ ସେ ସନ୍ନି ଦେଓଲଙ୍କ ଅଭିନୀତ ଡକାୟତରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରେ ସେ ଚର୍ଚ୍ଚିତ ଚଳଚ୍ଚିତ୍ର ନାୟକ, ପ୍ରେମଗ୍ରନ୍ଥ, ମୁଝ୍‌ସେ ସାଦି କରୋଗି, ଖଳନାୟକ ଏବଂ ହିରୋପନ୍ତୀ ଆଦିରେ ଅଭିନୟ କରିଛନ୍ତି।

# କାଠରେ ନିର୍ମିତ ଚର୍ଚ୍ଚ

**କାଠରେ ପ୍ରସ୍ତୁତ ପୃଥିବୀର ଉଚ୍ଚତମ କାରୁକାର୍ଯ୍ୟଗୁଡିକ ମଧ୍ୟରେ ଋଷିଆର କିଝି ଆଇସଲାଣ୍ଡରେ ଥିବା କିଝି ପୋଗୋଷ୍ଟ ଚର୍ଚ୍ଚ ଅନ୍ୟତମ। ଆସନ୍ତୁ ଜାଣିବା ଏହି ଆଶ୍ଚର୍ଯ୍ୟ ଚର୍ଚ୍ଚ ସମ୍ପର୍କରେ କିଛି କଥା....**



➤ଏଠାରେ ଦୁଇଟି କାଠ ନିର୍ମିତ ଚର୍ଚ୍ଚ ଏବଂ ଗୋଟିଏ ବେଲ୍ ଟାୱାର ରହିଛି। ଉକ୍ତ ଚର୍ଚ୍ଚ ଦ୍ୱୟ ଚର୍ଚ୍ଚ ଅଫ୍ ଦି ଟ୍ରାନ୍ସଫିଗୁରେସନ୍ ଏବଂ ଚର୍ଚ୍ଚ ଅଫ୍ ଦି ଇଂଟରସେସନ୍ ନାମରେ ପରିଚିତ। ଏହି ଚର୍ଚ୍ଚଦ୍ୱୟ ଉପରେଥିବା ଡୋମ୍ ବା ଗମ୍ବୁଜ ନିର୍ମାଣ ଲାଗି ଶହ ଶହ ସଂଖ୍ୟାରେ ଡାଇମଣ୍ଡ ଆକୃତିର କାଠ ଟାଇଲ ବ୍ୟବହାର କରାଯାଇଛି।

➤ଯଦିଓ ଏହି ବିଶାଳ ଏବଂ ନିଆରା କଳାକୃତି ପ୍ରସ୍ତୁତ କରିଥିବା କାରିଗରଙ୍କ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ନାହିଁ, ତଥାପି କୁହାଯାଏ ଏହାର ମୁଖ୍ୟ କାରିଗର ସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରିବା ଲାଗି ଗୋଟିଏ ମାତ୍ର କୁରାଢ଼ି ବ୍ୟବହାର କରିଥିଲେ। ଆଉ ଚର୍ଚ୍ଚ ନିର୍ମାଣ ଶେଷ ହେବା ପରେ ନିକଟରେ ଥିବା ଏକ ହ୍ରଦକୁ ଉକ୍ତ କୁରାଢ଼ିଟି ଫିଙ୍ଗି ଦେଇଥିଲେ।

➤୩୦୦ ବର୍ଷ ପୂର୍ବେ କେବଳ ପାଇନ୍, ସ୍ପ୍ରସ୍ ଏବଂ ଆସ୍ପେନ୍ ଗଛର କାଠ ବ୍ୟବହାର କରାଯାଇ ନିର୍ମାଣ କରାଯାଇଥିବା ଏହି ନିଆରା କଳାକୃତିର ବିଶେଷତ୍ୱ ହେଉଛି କାଠ ଯୋଡେଇ ଲାଗି ଏଥିରେ ଗୋଟିଏ ମାତ୍ର କଂଟା ବ୍ୟବହାର କରାଯାଇନାହିଁ। ୧୯୯୦ ମସିହାରେ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ୟୁନେସ୍କୋ ଲିଷ୍ଟରେ ଏହା ସ୍ଥାନ ପାଇଛି।

# ସ୍କ୍ରିପ୍ଟ ଶୁଣି କାନ୍ଦିଥିଲେ ଅନନ୍ୟା



ମଲ୍‌ଟିଷ୍ଟାରର ଫିଲ୍ମ ‘ଗେହରାଇୟାଁ’ର ଟ୍ରେଲର ରିଲିଜ୍ ହୋଇଛି। ଫିଲ୍ମର ଭର୍ଚୁଆଲ୍ ଟ୍ରେଲର ଲଞ୍ଚ୍ ସମୟରେ ସମସ୍ତ ଷ୍ଟାରକାଷ୍ଟ ଉପସ୍ଥିତ ଥିଲେ। ଏହି ସମୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ଫିଲ୍ମ ସହ ଯୋଡ଼ି ହେବାର ମଜାଦାର କାହାଣୀ କହିଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ । ସେ କହିଛନ୍ତି, ଆଜି ବି ତାଙ୍କର ବିଶ୍ୱାସ ହେଉନାହିଁ ଯେ ତାଙ୍କ ତାଲିକାରେ ସାମିଲ ଫେଭ୍‌ରିଟ ନିର୍ଦ୍ଦେଶକଙ୍କ ସହ ସେ କାମ କରିସାରିଲେଣି। ‘ଗେହରାଇୟାଁ’ ଅଫର ଶୁଣି ଅନନ୍ୟା ଏତେ ଚକିତ ହୋଇଯାଇଥିଲେ ଯେ ସଙ୍ଗେସଙ୍ଗେ ସ୍ନାନାଗାରକୁ ଦୌଡ଼ିଯାଇଥିଲେ। ଆଉ କବାଟ ବନ୍ଦ କରି ଜୋରରେ କାନ୍ଦିଥିଲେ। କରଣ ଜୋହର ଯେତେବେଳେ ଫିଲ୍ମ ଅଫର ଅନନ୍ୟାଙ୍କୁ ଦେଲେ, ତାଙ୍କୁ ବଡ଼ ଝଟ୍‌କା ଲାଗିଲା। କରଣଙ୍କୁ ସେ ପଚାରିଲେ, ଆପଣ ମୋତେ ଫିଲ୍ମ ଅଫର ଦେଉଛନ୍ତି ନା ମୋତେ ଏଥିପାଇଁ ଅଡିସନ୍ ଦେବାକୁ ପଡ଼ିବ। ଏହାଶୁଣି କରଣ କହିଲେ, ନା’ ଏଥିପାଇଁ ତୁମକୁ ଶକୁନ ବାତ୍ରାଙ୍କୁ ଭେଟିବାକୁ ପଡ଼ିବ। ଶକୁନ ଯେତେବେଳେ ଅନନ୍ୟାଙ୍କ ପାଖକୁ ଫିଲ୍ମର ପଟ୍ଟକଥା ନେଇ ଆସିଲେ, କାହାଣୀ ବର୍ଣ୍ଣନା କରିବା ପରେ ଅନନ୍ୟା ତାଙ୍କୁ ପଚାରିଲେ- ମୁଁ ବାଥ୍‌ରୁମ୍ ଯାଇପାରିବି। ତା’ପରେ ୨୫ ମିନିଟ୍ ପର୍ଯ୍ୟନ୍ତ ସେ ଆଉ ବାହାରକୁ ବାହାରିଲେ ନାହିଁ। ଶକୁନ ଭାବିଲେ ଯେ ଅନନ୍ୟା ବାଥ୍‌ରୁମ୍‌ରେ ଚେତାଶୂନ୍ୟ ହୋଇ ପଡ଼ିନାହାନ୍ତି ତ ! କିନ୍ତୁ ସତ କଥା ହେଉଛି, ସେପର୍ଯ୍ୟନ୍ତ ଅନନ୍ୟା ବିଶ୍ୱାସ କରି ପାରିନଥିଲେ ଯେ ସତରେ ତାଙ୍କୁ ଫିଲ୍ମ ଅଫର ମିଳିଛି। ଅନନ୍ୟା କହନ୍ତି, ଶକୁନ ବାତ୍ରା ତାଙ୍କ ସ୍ୱପ୍ନର ନିର୍ଦ୍ଦେଶକ ତାଲିକାରେ ଅଛନ୍ତି। ଫିଲ୍ମରେ ତାଙ୍କ ସହ କାମ କରିବା ଏକ ବଡ଼ ଅନୁଭବ। ଏହି ଫିଲ୍ମ ବ୍ୟକ୍ତିଗତ ଓ ଭାବନାତ୍ମକ ଭାବେ ତାଙ୍କୁ ବଦଳାଇଛି ବୋଲି ସେ କହିଛନ୍ତି । ଫିଲ୍ମ ସୁଟିଂ ସମୟରେ ଶକୁନଙ୍କ ସହ ତାଙ୍କ ସମ୍ପର୍କ ପାରିବାରିକ ହୋଇଯାଇଛି । ତାଙ୍କ ପାଇଁ ‘ଗେହରାଇୟାଁ’ର ପ୍ରତ୍ୟେକ ମୁହୂର୍ତ୍ତ ମ୍ୟାଜିକାଲ୍ ଥିଲା। ଏଥିରେ ତାଙ୍କୁ ଜଣେ ଅଭିନେତ୍ରୀ ଭାବେ ବିକଶିତ କରାଯାଇଛି। ଫିଲ୍ମର ଅଂଶ ହୋଇ ଅନନ୍ୟା ନିଜକୁ ଭାଗ୍ୟଶାଳୀ ମନେକରୁଛନ୍ତି।

# ଘୁଷୁରୀ ଛୁଆକୁ ମା’ର ସ୍ନେହ ଦେଲା ବାଘୁଣୀ

ମା’ର ମାତୃତ୍ୱ ଆଗରେ ଅନ୍ୟ ସବୁ ସମ୍ପର୍କ ଫିକା। ପିଲା ଦୂରେଇଗଲେ ମା’ ଅସହାୟ ହୋଇପଡେ, ଯେଉଁଠି ଥିଲେ ମଧ୍ୟ ନିଜ ପିଲାଙ୍କ ପାଇଁ ସବୁବେଳେ ଶୁଭ ମନାସିବାରେ ସେ ଆଦୌ କାର୍ପଣ୍ୟତା କରିନଥାଏ। ଆମେ ମଣିଷମାନେ ଯେ ପିଲାଙ୍କ ଦୁଃଖକଷ୍ଟରେ ଭାଙ୍ଗିପଡୁ, ତା’ ନୁହେଁ, ପଶୁ-ପକ୍ଷୀଙ୍କର ମଧ୍ୟ ହୃଦୟ ଅଛି ଓ ସେମାନେ ମଧ୍ୟ ତାଙ୍କ ସନ୍ତାନଙ୍କ ପାଇଁ ବିଳପି ଉଠନ୍ତି। ଏଭଳି ଏକ ଘଟଣା ଘଟିଛି ଥାଇଲାଣ୍ଡରେ। ଶ୍ରୀରଚା ବ୍ୟାଘ୍ର ସଂରକ୍ଷଣରେ ଏକ ବାଘୁଣୀ ୫ଟି ଶାବକଙ୍କୁ ଜନ୍ମ ଦେଲା। କିନ୍ତୁ ରୁଗ୍‌ଣ ସ୍ୱାସ୍ଥ୍ୟ କାରଣରୁ ୨ ଦିନ ମଧ୍ୟରେ ସମସ୍ତ ଶାବକ ପ୍ରାଣ ହରାଇଥିଲେ। ପିଲାଙ୍କୁ ନିଜ ଆଖିଆଗରେ ମରିବା ଦେଖିବା ପରେ ବାଘୁଣୀଟି ଛଟପଟ ହେଲା, କିଛି ଖାଇଲାନି କି ପିଇଲାନି। ନିସ୍ତେଜ ହୋଇ ଗୋଟିଏ ଜାଗାରେ ପଡ଼ିରହିଲା। ଚିଡିଆଖାନା କର୍ତ୍ତୃପକ୍ଷ ବିଶେଷଜ୍ଞ ଦଳଙ୍କୁ ଡକାଇ ବାଘୁଣୀର ସ୍ୱାସ୍ଥ୍ୟ ପରୀକ୍ଷା କଲେ। ଡାକ୍ତର ଦଳଙ୍କ ମତ ଥିଲା, ପିଲାଙ୍କ ମୃତ୍ୟୁ ଦେଖି ବାଘୁଣୀଟି ମାନସିକ ଅବସାଦଗ୍ରସ୍ତରେ ଆକ୍ରାନ୍ତ। ନବଜାତ ଶାବକ ଆଣି ବାଘୁଣୀ ମା’ ପାଖେ କିଛିଦିନ ଛଡାଗଲେ ବାଘୁଣୀଟିର ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ହେବାର ସମ୍ଭାବନା ଥିବା ଡାକ୍ତର କହିଥିଲେ। ସଙ୍ଗେ ସଙ୍ଗେ ବାଘ ଛୁଆ କେଉଁଠାରୁ ଯୋଗାଡ଼ କରିବାରେ କର୍ତ୍ତୃପକ୍ଷ ଅସମର୍ଥ ହୋଇଥିଲେ, କିନ୍ତୁ ସେମାନେ ଏକ ଉପାୟ ପାଞ୍ଚି ଯୋଜନାରେ ସଫଳ ହେଲେ। ଅନ୍ୟ ଏକ ଚିଡିଆଖାନାରୁ ନବଜାତ ଘୁଷୁରି ଛୁଆଙ୍କୁ ଆଣି ସେମାନଙ୍କୁ ବାଘ ଛାଲର ପୋଷାକ ପିନ୍ଧାଇ ବାଘୁଣୀ ମା’ ପାଖରେ ଛଡ଼ାଗଲା। ଘୁଷୁରି ଛୁଆକୁ ନିଜ ପିଲା ମନେ କରି ରୂପ ଦେଖି ବାଘୁଣୀଟି ସେମାନଙ୍କୁ ସ୍ନେହ ଆଦର କଲା, ଦିନ କେଇଟାରେ ପୁଣି ସୁସ୍ଥସବଳ ହୋଇ ଛିଡାହେଲା। ଖିଆପିଆ ଠିକ୍ କରିବା ପରେ କର୍ତ୍ତୃପକ୍ଷ ଘୁଷୁରି ଛୁଆଙ୍କୁ ସମୟକ୍ରମେ ବାଘ ଚିଡ଼ିଆଖାନାରୁ ବାହାର କରିଥିଲେ। ମା-ପିଲାର ସମ୍ପର୍କର ନିବିଡ଼ତା, ଏଇ ଘଟଣାଟି ସୁନ୍ଦର ଭାବେ ମାନବଜାତିକୁ ଶିକ୍ଷା ଦେଇଛି।



# ହଲିଉଡର ‘ଗୋଲ୍ଡେନ୍ ଗର୍ଲ’ ବେଟି ହ୍ୱାଇଟ୍‌ଙ୍କ ପରଲୋକ

ହଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ବେଟି ହ୍ୱାଇଟ୍‌ଙ୍କର ୯୯ ବର୍ଷ ବୟସରେ ପରଲୋକ ଘଟିଛି। ବିଟି ହ୍ୱାଇଟ୍ ୩୧ ଡିସେମ୍ବରରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। The Golden Girls ଓ The Mary Tyler Moore Show ଭଳି ଶୋ’ରେ କାମ କରି ବେଟି ହ୍ୱାଇଟ୍ ଆମେରିକାର ଜନତାଙ୍କୁ ସାତ ଦଶକ ପର୍ଯ୍ୟନ୍ତ ହସାଇଛନ୍ତି। କିନ୍ତୁ ଏବେ ସେ ଦୁନିଆ ଛାଡି ଯାଇ ସାରିଛନ୍ତି। ବେଟି ହ୍ୱାଇଟ୍‌ଙ୍କ ପରଲୋକ ତାଙ୍କ ଘରେ ଶୋଇବା ଅବସ୍ଥାରେ ହୋଇଛି। ବେଟି ହ୍ୱାଇଟ୍ ହଲିଉଡ ଇଣ୍ଡଷ୍ଟ୍ରିରେ ସବୁଠାରୁ ଲମ୍ବା କ୍ୟାରିୟର ଏନଜୟ କରିଛନ୍ତି। ଏହା ସହିତ ତାଙ୍କ ନାମ ଶୋବିଜ୍ ଇତିହାସରେ ମଧ୍ୟ ରେକର୍ଡ ହୋଇ ରହିଯାଇଛି। ବେଟି ହ୍ୱାଇଟ୍ ୧୯୪୯ରେ ନିଜର ଟେଲିଭିଜନରୁ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ଶେଷ ଫିଲ୍ମ ‘ଟଏ ଷ୍ଟୋରୀ-୪’ରେ ଥିଲା। ବେଟି ହ୍ୱାଇଟ୍ ୨୦୧୯ରେ ଆସିଥିବା ଏହି ଆନିମେଟେଡ୍ ଫିଲ୍ମରେ ଏକ ଭୂମିକାରେ ନିଜର ଭଏସ୍ ଦେଇଥିଲେ। ତାଙ୍କ ପରଲୋକରେ ହଲିଉଡ ଇଣ୍ଡଷ୍ଟ୍ରିକୁ ବଡ ଝଟ୍‌କା ଲାଗିଛି।



# ୧୭ ମିନିଟ୍‌ରେ ବିବାହ, ଯୌତୁକରେ ବରକୁ ରାମାୟଣ ବହି

ଉତ୍ତରପ୍ରଦେଶର ଶାହଜହାଁପୁରରେ ଏକ ବିବାହ ଉତ୍ସବ ଏବେ ଖବରର ଶିରୋନାମା ହୋଇଛି। ଏଠାରେ ମାତ୍ର ୧୭ ମିନିଟ୍‌ରେ ବିବାହ ବିଧି ସମ୍ପନ୍ନ ହୋଇଛି। ଖାସ୍ କଥା ହେଉଛି, ବିବାହରେ ବାଜା, ରୋଶଣି, ଗୀତ ଆଦି କୌଣସି ବ୍ୟବସ୍ଥା ହୋଇ ନଥିଲା। ଦୁଇ ପରିବାରର ଅଳ୍ପ କିଛି ସଦସ୍ୟଙ୍କ ଗହଣରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଥାନା କଲାନକ୍ଷେତ୍ରର ସନାୟ ଗାଁର ବାସିନ୍ଦା ପୁଷ୍ପେନ୍ଦ୍ର ଦୁବେଙ୍କ ସହ ହରଦୋଇ ବାସିନ୍ଦା ପ୍ରୀତି ତିୱାରିଙ୍କ ବିବାହ ପଟନା ଦେବ କଲି ଶିବ ମନ୍ଦିରରେ ଅନୁଷ୍ଠିତ ହୋଇଛି। ବର-କନ୍ୟା ମନ୍ଦିରର ପରିକ୍ରମା କରିବା ପରେ ମାତ୍ର ୧୭ ମିନିଟ୍‌ରେ ବିବାହ କାର୍ଯ୍ୟ ଶେଷ ହୋଇଛି ତେବେ ଯୌତୁକ ବାବଦକୁ ବର କେବଳ ରାମାୟଣ ହିଁ ନେଇଛନ୍ତି। ଶ୍ୱଶୁର ଘର ଲୋକେ ବହୁତ କହିବା ପରେ ସେ ରାମାୟଣ ନେବାକୁ ରାଜି ହେଲେ। ଯୁବବର୍ଗ ଏହିଭଳି ବିବାହ କରି ଅନାବଶ୍ୟକ ଖର୍ଚ୍ଚ ଓ ଯୌତୁକ ପ୍ରଥାଠାରୁ ମୁକ୍ତି ପାଆନ୍ତି ବୋଲି ପୁଷ୍ପେନ୍ଦ୍ର ଓ ପ୍ରୀତି କହିଛନ୍ତି। ବର-କନ୍ୟାଙ୍କର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି। ପୁଷ୍ପେନ୍ଦ୍ର ଗାଁରେ ଏକ ଶିକ୍ଷାନୁଷ୍ଠାନ ଚଳାଉଛନ୍ତି। ବିବାହ ପୂର୍ବରୁ ସେ ବରଯାତ୍ରୀ ଓ ରୋଶଣି ସହିତ ଯୌତୁକ ନେବାକୁ ସିଧା ସିଧା ମନା କରିଦେଇଥିଲେ। ଯୌତୁକ ପ୍ରଥାର ଉଚ୍ଛେଦ ଏହି ବିବାହର ଏକମାତ୍ର ଉଦ୍ଦେଶ୍ୟ ଥିଲା। ନିଆରା ଢ଼ଙ୍ଗରେ ସମ୍ପାଦିତ ଏହି ବିବାହ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି।



# ଚପଲ ନାଁ ଶୁଣିଲେ ରାଗନ୍ତି ଲୋକେ

ଆଜିକାଲି ଜୋତା, ଚପଲ ଜୀବନର ଏକ ଅଙ୍ଗ ପାଲଟିଗଲାରି। ଖାଲି ବାହାରେ ନୁହେଁ ଘରେ ବି ଚପଲ ପିନ୍ଧିବା ସାଧାରଣ କଥା ହୋଇଗଲାଣି। ଖାଲି ଯାହା କୌଣସି ମନ୍ଦିର ଅବା କୌଣସି ପବିତ୍ର ସ୍ଥାନକୁ ଗଲେ ଚପଲ ପିନ୍ଧାଯାଏ ନାହିଁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଭାରତରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧନ୍ତି ନାହିଁ। ତାମିଲନାଡୁର ମଦୁରାଇଠାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଏହି ଗାଁରେ ଜୋତା, ଚପଲର ନାଁ ଶୁଣିଲେ ଲୋକେ ରାଗି ଯାଆନ୍ତି। ଆଉ ଯଦି କିଏ ଚପଲ ପିନ୍ଧେ ତେବେ ତାକୁ କଠୋର ଦଣ୍ଡ ଦିଆଯାଏ। ସେଇ ଗାଁଟି ହେଉଛି କଲିମୟାନ। ଏଠାରେ କେହି ବି ଚପଲ ପିନ୍ଧନ୍ତି ନାହିଁ। ଗାଁ ବାହାରକୁ ଯିବାକୁ ଥିଲେ ଗାଁ ସୀମା ଶେଷ ହେବା ପର୍ଯ୍ୟନ୍ତ ଚପଲ ହାତରେ ଧରି ଯିବାକୁ ହୁଏ। ସୀମା ପାର ହେବା ପରେ ଯାଇ ଚପଲ ପିନ୍ଧିପାରିବେ। ଗାଁ ଲୋକଙ୍କ ମତରେ ଚପଲ ପିନ୍ଧିଲେ ଗାଁରେ ପୂଜା ପାଉଥିବା ଦେବତା କ୍ରୋଧ କରିବେ। ଏହି ଗାଁରେ ଅପାଚ୍ଛି ନାମକ



ଦେବତାଙ୍କୁ ପୂଜା କରାଯାଏ। ଗ୍ରାମବାସୀଙ୍କ ବିଶ୍ୱାସ ଯେ, ଗ୍ରାମ ଦେବତା ତାଙ୍କର ରକ୍ଷା କରନ୍ତି। ତେଣୁ ତାଙ୍କୁ ସମ୍ମାନ ଜଣାଇ ଏଠାରେ ଜୋତା କି ଚପଲ ପିନ୍ଧାଯାଏ ନାହିଁ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଛି। ଆଉ ଏବେ ବି ଏହାକୁ ଲୋକେ ମାନୁଛନ୍ତି।

## ମିଡିଆକିଆରେ ଜାତୀୟ କ୍ରୀଡା ଦିବସ ପାଳିତ

ବାଲିଗୁଡା,୦୨/୯(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡ଼ିଆକିଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡା ଦିବସ ତଥା ବିଶିଷ୍ଟ ହକି ତାରକା ଧ୍ୟାନଚାନ୍ଦଙ୍କର ଜୟନ୍ତୀ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ମଲିକ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ତଥା ବର୍ଷୀୟାନ ସମାଜସେବୀ ଗୌରଚନ୍ଦ୍ର ପୂଜାରୀ ମୁଖ୍ୟବକ୍ତା ଓ ପୂର୍ବତନ ସରପ ରାଜୀବ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସମ୍ପର୍କରେ ଉତ୍ସାହିତ କରିଥିଲେ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାଙ୍କ ତରଫରୁ ପ୍ରଦାନ କରାଯାଇଥିବା ଅର୍ଥରାଶି ମାଧ୍ୟମରେ ପୁରସ୍କାର ମାନ ପ୍ରଦାନ କରାଯାଇଥିଲା ଶେଷରେ ଖେଳ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବିଶୋୟୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

## ଖବର ପ୍ରସାରଣ ପରେ ମୁକୁଳା ଡ୍ରେନରେ ପଡିଲା ସ୍ଲାପ

କାଳିଆପାଣି୨୬/୦୮ ଯେକୌଣସି ସରକାରୀ କାର୍ଯ୍ୟ ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ତଦାରଖ ଓ ଏହାର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିଯୁକ୍ତି ଦିଆଯାଇଛି ତଦାରଖ ଅଭାବରୁ ମୁକୁଳା ପଡିଛି ଡ୍ରେନେଜ ବ୍ୟବସ୍ଥା ଥିବା ନେଇ ଖବରକାଗଜ ପ୍ରକାଶ ପାଇବା ପରେ ମୁକୁଳା ଡ୍ରେନରେ ସ୍ଲାପ ପଡିଥିବାର ସୂଚନା ମିଳିଛି ଅମୂଲ୍ୟ ଜୀବନ ମୁକୁଳା ଡ୍ରେନରେ ପଡି ବହୁ ଜୀବନ ହାନି ହେଉଥିବାର ଖବର ଦିନକୁ ଦିନ ସାମ୍ନାକୁ ଆସୁଥିବା ବେଳେ ଏହା ଏକ ଚିନ୍ତାର ବିଷୟ ପାଲଟି ଥିବା ବେଳେ ଉକ୍ତ ଅଞ୍ଚଳରେ ସେହିପରି ସମସ୍ୟା ଦେଖାଯାଉ ବୋଲି ବାସିନ୍ଦା ଅଭିଯୋଗ କରିବା ପରେ ଖବରପ୍ରକାଶ ହେବାର ଗୋଟିଏ ଦିନରେ ସ୍ଲାପ ପଡି ଥିବାର ଦେଖିବାକୁ ମିଳିଥିଲା ଫଳରେ ଏହି ଠାରେ ବସବାସ କରୁଥିବା ବସିନ୍ଧା ଅନେକ ଉପକୃତ ହେବେ ବୋଲି କହିଛନ୍ତି

## ଖପ୍ରାଖୋଲ ରେ ନିରନ୍ତର କୃଷି ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ ୦୨/୯(ନି.ପ୍ର): ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଏଫ୍ ଇ ଏସ ଭୁବନେଶ୍ୱର ତରଫରୁ ନିରନ୍ତର କୃଷି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ତାଲିମ ଶିବିର ରେ ଏଫ୍ ଇ ଏସ ଜିଲ୍ଲା ସଂଯୋଜିକ ଯେଶିକାସାହୁ , ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର , ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ଓ ଏଲ୍ ଏମ ବି ଏଲ ସି ପ୍ରଶାନ୍ତ କୁମାର୍ ନନ୍ଦ, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ ଏହି ଅବସରରେ ଜୈବିକ ପ୍ରଣାଳୀ ରେ କୃଷି ଉପରେ ତାଲିମ ଦାତା ମାନେ ତାଲିମ ପ୍ରଦାନ ସହ ମାଟି ଉର୍ବରକ , ଜୈବିକ ସାର , ଜୈବିକ କୀଟନାଶକ ଉପରେ ଆଲୋକପାତ କରିଥିଲେ ତାଲିମ ଶିବିର ବ୍ଲକ ର କୃଷି ମିତ୍ର ଓ କୃଷକ ସାଥୀ ମାନେ ଯୋଗ ଦେଇଥିଲେ

## ବିଜେପି ରେଳ ମଣ୍ଡଳ ର କାର୍ଯ୍ୟକାରିଣୀ ବୈଠକ

ତାଳଚେର ୦୨/୯(ନି.ପ୍ର): ତାଳଚେର ରେଳ ମଣ୍ଡଳ ର ବିଜେପି ର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ବରୁଣ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସମ୍ପାଦକ ତଥା ଏନଏସଆଇସି ର ଡାଇରେକ୍ଟର କାଳନ୍ଦି ସାମଲ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ କ୍ଷେତ୍ରରେ ଓଡ଼ିଆ ଙ୍କୁ ଗୁରୁତ୍ୱ ଦେଉଛନ୍ତି ଯାହାକି ଓଡିଶା ର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ଙ୍କୁ ଦେଶର ରାଷ୍ଟ୍ରପତି କରାଇ ଆଜି ଓଡ଼ିଆ ଙ୍କୁ ସମ୍ମାନିତ କରିଛନ୍ତି ବୋଲି କହିଥିଲେ ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ବଳିଷ୍ଠ ନେତୃତ୍ୱ ରେ ତାଳଚେର ରେ ବହୁବିଦ୍ଧ ବିକାଶ ହୋଇଛି, ସାର କାରଖାନା ପାଇଁ ୧୩ହଜାର କୋଟି, ଥର୍ମାଲ ପାଇଁ ୧୦ହଜାର କୋଟି,୧୫ଶହ କୋଟି ରେ ମେଡିକାଲ କଲେଜ, ଦୁଇ ଦୁଇଟି ସେଣ୍ଟ୍ରାଲ ସ୍କୁଲ, ରେଳପଥ, ଜାତୀୟ ରାଜପଥ କୁ ପ୍ରଚୁର ଅର୍ଥ ପ୍ରଦାନ କରାଯାଇଛି ।ଡ଼ିଏମଏ' 'ଣ୍ଡ ଗଠନ କରି ହଜାର ହଜାର କୋଟି ଟଙ୍କା ଅନୁଗୁଳ ଜିଲ୍ଲାର ବିକାଶ ପାଇଁ ମୋଦୀ ସରକାର ଯୋଜନା କରି କ୍ରିୟାନୟନ କରିଛନ୍ତି କିନ୍ତୁ ରାଜ୍ୟ ସରକାର ତାଳଚେର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଟଙ୍କାଟିଏ ମ୍ଭ ଦେଇ ନାହାଁନ୍ତି ।

# ଛାଡ଼ିଚି ବନ୍ୟା ବଢିଛି ଲୋକମାନଙ୍କ ଦୁର୍ଦଶା



କଣାସ ୦୨/୯(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରଭାହିତ ହେଉଥିବା ଦୟା,ରାଜୁଆ,ମକରା ନଦୀର ଜଳସ୍ତର ହ୍ରାସ ପାଇଛି ବ୍ଲକର ୧୪ଟି ପଞ୍ଚାୟତ ମଧ୍ୟରୁ ଚୁପୁରିଙ୍ଗ ପଂଚାୟତର ପହିଲୁଣ୍ଡି କାଉଡ଼ିଆପୁର ଠାରେ ମକରା ନଦୀରେ ଘାଇ ଦ୍ୱାରା ସହୁପଡା,ବକୁ, ଚୁପୁରିଙ୍ଗ, ବଡ଼ାଲ ,କାଦୁଆ । ଗଡବଳଭଦ୍ରପୁର ପଞ୍ଚାୟତ ଓ ରାଜୁଆ । ନଦୀରେ ଘାଇ ହେବା ଦ୍ୱାରା ଗଡସାନପୁଟ ଆଦି ପଞ୍ଚାୟତ ସମ୍ପୂର୍ଣ୍ଣଭାବେ ପ୍ରଭାବିତ ହୋଇଥିଲା ଗାଁ ଦାଣ୍ଡରେ ଛାତିଏ ଉଚର ପାଣି ଲହଡି ଭାଙ୍ଗିବା ଦ୍ୱାରା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେପଟେ ନଦୀ କୂଳରେ ଥିବା ଦୋକନ୍ଦା, ବଡ଼ାସ ଓ ପାଣ୍ଡିଆକେରା ଆଦି ପଞ୍ଚାୟତର ଅନେକ ଲୋକ ପାଣି ଘେରରେ ଜୀବନ ବିତତାଇ ଥିଲେ ଶେଷରେ କି କାଜ ପାଣି ଆସି ସିରେଇ , ଆଣ୍ଡରସିଂହ,ବିଜିପୁର,ବିନ୍ଧଣ କେତେକ ଗ୍ରାମରେ ଓ ଚାଷ ଜମିରେ ପାଣି ମାଡ଼ିଯିବାରୁ ଅନେକ କ୍ଷୟକ୍ଷେତି ଘଟିଛି ଏହାରି ଭିତରେ ପ୍ରଶାସନ ଓ କିଛି ବେସରକାରୀ ସଂସ୍ଥା ପନ୍ନଙ୍କ ପାଖରେ ପହଁ ରିଲିଫ ପ୍ରଦାନ କରିଥିଲେ ହାତଟେକା ସହାୟତା ରେ କିଛିଦିନ କାଟିବା ପରେ ଏବେ ପରିବାର କିଭଳି ଚଳିବ ସେ ଚିନ୍ତା ଘାରିଛି ଲୋକମାନଙ୍କୁ ନଦୀର ଜଳସ୍ତର ହ୍ରାସ ପାଇଛି ହେଲେ ଦୁର୍ଦ୍ଦଶା ବଢିଯାଇଛି ଗାଁ ଦାଣ୍ଡରେ ବନ୍ୟା ଜଳ ଛାଡିଛି କିନ୍ତୁ ପ୍ରତେକଲୋକଙ୍କ ଘର ସନ୍ତା ଯୋଗୁ ଏବେବି ଘରେ ରହିବା ସମ୍ଭବପର ହୋଇନାହିଁ ଅନେକ ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଘାଇ ସୃଷ୍ଟି ହୋଇଛି ଆଉ କେଉଁଠାରେ ପିଛୁଉଁଠି ରାସ୍ତା ପାଲଟିଛି ମରଣଯନ୍ତା ଯାହାକି ଯାତାୟତ କରିବାରେ ସମସ୍ୟା ସୃଷ୍ଟି ହୋଇଛି ବଡ଼ାସ,ଦୋକନ୍ଦା,ପାଣ୍ଡିଆକେରା, ଗଡ଼ସାନପୁଟ,ଗଡବଡ଼ପୁଟ, ଗଡ଼ବଳଭଦ୍ରପୁର ଆଦି ୬ଟି ପଞ୍ଚାୟତ ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ଏଠିକାର ହଜାର ହଜାର ଲୋକ ମୁଖ୍ୟତଃ ଧାନ ଚାଷ ଓ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି କିନ୍ତୁ ବନ୍ୟା ଦାଉ ସାଧିବାରୁ ଅନେକଙ୍କ ଘରଦ୍ୱାର ଭାଙ୍ଗିଥିବା ବେଳେ ଫସଲ ଉଜୁଡି ଯାଇଛି ଚାଷ ବାସ କରି ଜୀବନ ଜୀବିକା ପାଇଁ ରାଜ୍ୟ ବାହାରେ ଥିବା ଯୁବକମାନେ ନିଜ ନିଜର ଘରକୁ ଫେରିଥିଲେ ଗାଁରେ ରହି ଧାର କରାଜ କରି ନିଜର ଚାଷ ଜମିରେ ଫସଲ କରିଥିଲେ ଦଇବ ଦାଉ ସାଧିଲା ଏମିତିଜେ ଚାଷ ସମ୍ପୂର୍ଣ୍ଣ ଉଜୁଡି ଗଲା ବର୍ଷ ଯାକର ଚାଷ ଯିବାରୁ ଯାହାକୁ ନେଇ କିଭଳି ରଣ ସୁଝିବେ ଓ ପରିବାର ପ୍ରତିପୋଷଣ କରିବେ ସେଚିନ୍ତା ଘାରିଛି ଚାଷୀକୂଳକୁ ଏଭଳି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଦ୍ୱାରା ରାସ୍ତାଘାଟ,ଚାଷ,ଘରଦ୍ୱାର,ଚୁଡା,ଚାଉଳ,ବିରି,ବାଦାମ,କୋଳଥ ଓ ଅନେକ ଲୋକଙ୍କର ଧନ ସମ୍ପି ନଷ୍ଟ ହୋଇଛି ଏଭଳି ଦୟନୀୟ ସ୍ଥିତିରେ ଲୋକମାନଙ୍କ ସମସ୍ୟା ଉପରେ ପ୍ରଶାସନ ଗୁରୁ ଦେଇ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଲୋକେ ଦାବି କରିଛନ୍ତି

## ଅଙ୍ଗନବାଡ଼ି କେନ୍ଦ୍ର ର ଶିଶୁ ଙ୍କ ଅଣ୍ଡା ଖାଇଗଲେ ଅଙ୍ଗନବାଡି ଦିଦି ଦିଦିଙ୍କର ନା ରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଦେଓଭରଣ୍ଡି ଗ୍ରାମବାସୀ

ରାଇଘର: ୦୨/୯(ନି.ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ନାକଟିସିମୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଓଭରଣ୍ଡି ଗ୍ରାମବାସୀ ତଥା ମାଆମାନେ ଅଙ୍ଗନବାଡ଼ି ଦିଦି ଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଥିବା ଜଣାପଡିଛି ଦେଓଭରଣ୍ଡି ଗ୍ରାମର ଅଙ୍ଗନବାଡି ଦିଦି ବୁଟକି ଗଣ୍ଡ ଦୀର୍ଘ ଦିନ ହେବ ଉକ୍ତ ଗ୍ରାମର ଅଙ୍ଗନବାଡ଼ି ଦିଦି ଭାବରେ କାମ କରି ଆସୁଛନ୍ତି ଦିଦି ବହୁ ବର୍ଷ ହେବ ଦୁର୍ନୀତି କରି ଆସୁଥିଲେ ଓ ଗ୍ରାମବାସୀ ସେ ନେଇ ମୁହଁ ଖୋଲିନଥିବା ବେଳେ ଆଜି ବର୍ତ୍ତମାନ ତାଙ୍କ ପର୍ଦ୍ଦାଫାସ ପାଇଁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଗ୍ରାମର ମହିଳା ଓ ପୁରୁଷ ବାହାରିଛନ୍ତି ଗ୍ରାମବାସୀ ମାଆମାନଙ୍କ କହିବା ଅନୁଯାଇ ଗତ ଦୁଇବର୍ଷର କୋରନା କାଳରେ ଛଅ ମାସରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଏବଂ ଗର୍ଭବତୀ ମାନଙ୍କ ପାଇଁ ଅଣ୍ଡା, ଛତୁଆ, ଲଡୁ ମିଳିନାହିଁ ଉପଯୁକ୍ତ ମାଆ । ଓ ଶିଶୁ ଙ୍କୁ କିଛି ମଧ୍ୟ ମିଳିନାହିଁ କାହିଁକି ଏମାନଙ୍କୁ ଦିଆ । ହୋଇନାହିଁ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ ବର୍ତ୍ତମାନ ମଧ୍ୟ ମାଆ । ଶିଶୁ ଉପଯୁକ୍ତ ଖାଦ୍ୟ ପାଉ ନାହାନ୍ତି କାହିଁକି ? ଏହା ପଛରେ କେଉଁ କାରଣ ରହିଛି କି ? କିନ୍ତୁ କାଗଜ କଲମରେ ସମସ୍ତେ ସବୁ କିଛି ପାଇଥିବା ଲେଖା ସରିଛିକିନ୍ତୁ ପ୍ରକୃତ ରେ କେହି କିଛି ପାଇନାହାନ୍ତି ଏ ନେଇ ଅଙ୍ଗନବାଡି ଦିଦିଙ୍କୁ ପ୍ରତିକ୍ରିୟା ନେବାରୁ ତଳ ମୁଣ୍ଡ କରି ନିରବ ରହି ଯାଇଥିଲେ ମୁହଁ ଖୋଲିଲେ ନାହିଁ କାହିଁକି ? ସେ କଣ ସତରେ ଭୁଲ କରିଛନ୍ତି କି ? ସୁଚନାନୁଯାଇ ଗ୍ରାମରେ ୪୦୦ରୁ ଉର୍ଦ୍ଧ ଘର ଓ ୧୫୦୦ରୁ ଉର୍ଦ୍ଧ ଲୋକ ସଂଖ୍ୟା ପାଇଁ ଗୋଟିଏ ମାତ୍ର ନଷ୍ଟ ହୋଇଥିବା ଅଙ୍ଗନବାଡି କେନ୍ଦ୍ର ପ୍ରଶାସନ ନିକଟରେ ଦାବି ରହିଛି ଆଉ ଦୁଇଟି ଅଙ୍ଗନବାଡି କେନ୍ଦ୍ର ଖୋଲିଯାଉ ନଚେତ୍ ଆଗାମୀ ଦିନରେ ଏହି କେନ୍ଦ୍ର ରେ ତାଲା ପଡ଼ିବ ।.

# ସିନ୍ଧେକେଲା ୫ଟି ସ୍କୁଲ ରେ ମହାଦୁର୍ନୀତି ସୂଚନା ଅଧିକାର ଆଇନରେ ମିଳୁନାହିଁ ତଥ୍ୟ



ବଙ୍ଗୋମୁଣ୍ଡା ୦୨/୯(ନି.ପ୍ର): ୫ଟି ନାଁରେ ରାଜ୍ୟ ସରକାର ବିଦ୍ୟାଳୟର ରୂପାନ୍ତରିକରଣ କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ତାହା ଉଚିତ କାମ ନ ହୋଇ ଠିକାଦାର ମାନେ ବାଟମାରଣା କରି ମାଲା ମାଲ ହେଉଥିବା ଅଭିଯୋଗ ହେଉଛି ଏଭଳି ଏକ ତଥ୍ୟ ଆସିଛି ବଲାଙ୍ଗିର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ପଲ୍ଲୀଶ୍ରୀ ହାଇସ୍କୁଲ ରେ ମିଳିଥିବା ସୂଚନା ଅନୁସାରେ କାଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ଆମ୍ ଆଦମୀ ପାର୍ଟିର ସଂଯୋଜକ ସୁରଥ ବେହେରା ସୂଚନା ଅଧିକାର ଆଇନ ବଳୟରେ ଗତ ଜୁନ ୬ ତାରିଖରେ ୫ଟି ଅନ୍ତର୍ଗତ ସିନ୍ଧେକେଲା ହାଇସ୍କୁଲରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତହିଁର ବିଲ ଭାଉଚର ବିବରଣୀ ପ୍ରଦାନ ପାଇଁ ସୂଚନା ମାଗିଥିଲେ ନିର୍ଦ୍ଧାରିତ ସମୟରେ ନ ମିଳିବାରୁ ଗତ ୫.୮.୨୨ ରେ ଅପିଲ କରିଥିଲେ ଅପିଲ କରିବା ସହ ଶ୍ରୀ ବେହେରା ସ୍କୁଲ ର ପ୍ରଧାନ ଶିକ୍ଷକ ତଥା ଅପିଲ ଅଧିକାରୀ ଙ୍କୁ ଯୋଗାଯୋଗ କରିଥିଲେ ମଧ ସୂଚନା ମିଳି ନାହିଁ ଅନ୍ୟପକ୍ଷରେ ଏହି ବିଦ୍ୟାଳୟର ନିମ୍ନମାନର କାର୍ଯ୍ୟକୁ ନେଇ ଅନେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ ତାର ତଦନ୍ତ ହୋଇ ନଥିବା ଶ୍ରୀ ବେହେରା ଅଭିଯୋଗ କରିଛନ୍ତି ଏହା ବାଦ ୫ଟି ଯୋଜନାରେ କାମ ସରିଲା ପର ଠାରୁ ସ୍କୁଲ ରେ ବ୍ୟବହାର ହୋଇଥିବା ଟାଇଲ୍ସ, ମାର୍ବଲ ଆଦି ଭାଙ୍ଗିବାରେ ଲାଗି ଥିବା ବେଳେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ଏନେଇ ଅପିଲ ଅଧିକାରୀ ତଥା ପ୍ରଧାନ ଶିକ୍ଷକ ଲୋକନାଥ ମେହେରଙ୍କୁ ପଚାରିବାରୁ ଏହି କାମ ବ୍ଲକ ତରଫରୁ କରାଯାଇଥିଲା, ବିଡିଓଙ୍କୁ ବାରମ୍ବାର ଚିଠି କଲେ ମଧ ସେମାନେ ତଥ୍ୟ ଦେଉନାହାନ୍ତି,ଯତଦ୍ୱାରା ଆମେ ତଥ୍ୟ ଦେଇ ପାରୁ ନାହୁଁ କି ଆମର କେଶବୁକ ମଧ ଲେଖିପାରୁ ନାହିଁ , ତଥ୍ୟ ମିଳିଲେ ଦିଆଯିବ ବୋଲି ନିଜ ଦୋଷ ଛଡେଇ ହୋଇଥିଲେ ଏପଟେ ରାଜନେତାଙ୍କ ଛତ୍ର ଛାୟା ତଳେ ରହି କିଛି ଲୋକ ଠିକାଦାର ସାଜି ବେଆଇନ ଭାବରେ ଏଣୁତେଣୁ କାମ ସାରି ମିଥ୍ୟାବିଲ କରି ଟଙ୍କା ହଡପ କରାଯାଇଥିବା କାରଣରୁ ଖର୍ଚ୍ଚର ହିସାବ ଦିଆଯାଇ ପାରୁ ନାହିଁ ବୋଲି ବ୍ଲକର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ତେବେ ଠିକଣା ସମୟରେ ଉକ୍ତ ବିଦ୍ୟାଳୟ ର ସଠିକ୍ ତଥ୍ୟ ନ ମିଳେ ତାହେଲେ ଆଗକୁ ଆନ୍ଦୋଳନ ଚାଲିବ ବୋଲି ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି ତେବେ ରାଜ୍ୟ ସରକାର ତୁରନ୍ତ ତଦନ୍ତ କରି ଦୁର୍ନୀତି ଖୋର କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

## ଟିପର ଧକ୍କା ଦେଲା ବାଇକ ଘଟଣା ସ୍ଥଳରେ ସ୍ତ୍ରୀ ମୃତ୍ୟୁ ସ୍ୱାମୀ ଗୁରୁତର

କୋରପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର ଗତ ପାଖଝୋଲା ଗ୍ରାମ ପଞ୍ଚାୟତ ଉଇଡ଼ା ନିକୋଟସ୍ତ ୨୬ ନମ୍ବର ଜାତୀୟ ରାଜପତ ଠରେ ଏକ ମୋରମନ୍ତକ ସଡକ ଦୁର୍ଘଟଣାରେ ମହିଳା ମୃତ ହାଇଥିବାବେଳେ ସ୍ୱାମୀ ଗୁରୁତର ଥିବାରୁ କୋରପୁଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ସୂଚନା ଅନୁଯାୟୀ ସୁନାବେଡା ଏରୋନାଟିକ୍ସ କଲେଜ ରୁ ନିଜ କୁନ୍ଦୁଲି ଗ୍ରାମକୁ ଯାଉଥିବା ବେଳେ ବାଇକ କୁ ଦୋସଚକିୟା ଟ୍ରିପପର ଧୋକ୍କାରେ ରଶ୍ମି ଖିଲ ଙ୍କୁ ଘଟଣାସ୍ଥଳରେ ମୃତ୍ୟୁ ହଇଛି, ଗତ ବର୍ଷ ଉଭୟଙ୍କର ବିବାହ ହଇ ସୁନାବେଡା ଏରୋନାଟିକ୍ସ କଲେଜ ରେ ଯୁକ୍ତ ତିନି ରେ ଅଦ୍ୟୟନ କରୁଥିଲେ, ଖବର ପାଇ ନିଜ ବନ୍ଧୁ ପରିବାର ଘଟଣା ସ୍ଥଳରେ ଉପସ୍ଥିତ ହଇ ଶୋକ ପ୍ରକାଶ କରିବା ସହ ଜାତୀୟ ରାଜପଥ ରେ ଟାଇର ଜଳାଇ ଅବରୋଧ କରିଥିବା ଦେଖି ବାକୁ ମିଳିଚି, ଘଟଣା ସ୍ଥଳରେ ସୁନାବେଡା ଆଇ ଆଇ ସି ସମ୍ବିତକୁମାର ବେହେରା ,ସହ ଆଇ ଆରବୀ ପୋଲିସି ମୃତୟନ ଥିବା ଦେଖିବାକୁ ମିଳିଛି, ଘୋଟନା ସ୍ଥଳରେ ରାସ୍ତା ରୋକ କରି କ୍ଷେତି ପୁରୁଣ ଦାବି କରୁଥିବା ବେଳେ ଜୟପୁର, ବିଶାଖା ପାଟଣା ଯିବାକୁ ଥିବା ରାସ୍ତା ଉଭୟ ପାର୍ଶ୍ୱରେ ସହସହ ଗାଡି ଅଟକ ରହିଥିବା ଦେଖିବାକୁ ମିଳିଛି, ଡ୍ରାଇବର, ଘଟଣା ସ୍ଥଳରେ ପେରାର ଥିବା ଜଣାପଡିଛି,

## ଦୁଇ ଜଣ ମଦ ସପ୍ଲାୟର ଯୁବକ ଗିରଫ ୨୪ ଲିଟରରୁ ଉର୍ଦ୍ଧ ବିଦେଶୀ ମଦ ଜବତ

କାଣ୍ଟାବାଞ୍ଜି ୦୨/୯(ନି.ପ୍ର): ବଲାଙ୍ଗିର ଜିଲ୍ଲା କାଣ୍ଟାବାଞ୍ଜି ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣ ଯୁବକ ୨୪ ଲିଟରରୁ ଉର୍ଦ୍ଧ ବିଦେଶୀ ମଦ ନେଉଥିବା ବେଳେ ଧରାପଡିଛନ୍ତି, ସୂଚନା ଯୋଗ୍ୟ ଯେ ସମ୍ପୃକ୍ତ ଯୁବକ ମାନେ ସ୍ଥାନୀୟ ମିଟ ଟାଉନ ମାଲିକ ରାକେଶ ଛାଡା ପାଖରେ କାମ କରନ୍ତି ଓ ଆଖପାଖରେ ଥିବା ତାଙ୍କ କୁଚିଆ । ବ୍ୟାପାରି ମାନଙ୍କୁ ସପ୍ଲାଇ କରନ୍ତି, ଗତକାଲି ସନ୍ଧ୍ୟାରେ ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣ ଯୁବକ ବେଖାତିର ଭାବେ ଇଂରାଜୀ ମଦ ନେଇ ଯାଉଥିବା ବେଳେ ସନ୍ଦେହରେ ପଚରା ଉଚରା କରିବାରୁ ମଦ ନେଉଥିବା ଜାଣିବା ପରେ ଥାନାକୁ ନେଇ ଅଧିକ ପଚାର ଉଚରା କରାଯାଇଥିଲା, ପିଏସି କେଶ ନଂ ୨୦୩/୨୨ ମାମଲା ରୁଜୁ କରି ବେଲପଡ଼ା ଥାନା ଅନ୍ତର୍ଗତ ଫୁଲକାନି ଗାଁର ଦୁଇ ଜଣ ଯାକ ଯୁବକକୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି ମଧୁସୂଦନ ଗହୀରଙ୍କ ପୁଅ ମୁକେଶ ଗହୀର (୨୦) ଓ ଗିନି ବାଗଙ୍କ ପୁଅ ପୁରନ୍ଦର ବାଗ (୧୮) ବେଳ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି, ଏପରି ବେଆଇନ ଭାବେ କମ ବୟସର ଯୁବକ ମାନଙ୍କୁ ନିଶା କାରବାରରେ ନିୟୋଜିତ କରୁଥିବା କାରଣରୁ ରାକେଶ ଉପରେ ଅନେକ ତର୍କ ବିତର୍କ କରୁଛ ସ୍ଥାନୀୟ ଲୋକେ, ସମ୍ପୃକ୍ତ ବ୍ୟକ୍ତି ଜଣକ ବ୍ୟାପାର କରିବା ବଦଳରେ ଦାଦାଗିରି କରୁଥିବା ଜଣାପଡ଼ିଛି, ତେଣୁକରି ମିଟ ଟାଉନର ଲାଇସେନ୍ସ ରଦ୍ଦ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଜନସାଧାରଣ

## ଚଚରାଭଟା ଗାଁ ରେ ଦାଦନ ସଚେତନତା ଶିବିର

ଖପ୍ରାଖୋଲ ୦୨/୯(ନି.ପ୍ର): ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଚଚରାଭଟା ଗାଁ ରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଦାଦନ ଶ୍ରମିକ ମାନଙ୍କ ପାଇଁ ସଚେତନତା ଶିବିର ମଙ୍ଗଳ ବାର ଆୟୋଜିତ ହୋଇ ଯାଇଛି ଶିବିରରେ ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ସୁଜିତ କୁମାର ଶତପଥୀ ଅଧ୍ୟକ୍ଷତା କରି ଦାଦନ ଶ୍ରମିକ ମାନଙ୍କୁ ସରକାରୀ ଯୋଜନା , ଶ୍ରମ ଆଇନ୍ , ମାନବାଧିକାର ନିୟମାବଳି, ସ୍ୱଚ୍ଛୋକୃତ ପଞ୍ଜିକରଣ ତଥା ଶ୍ରମ କାର୍ଡ ତିଆରି, ନବୀକରଣ ତଥା ଜବ୍ କାର୍ଡ ତିଆରି ସମ୍ପର୍କରେ ଆଲୋକପାତ କରିବାସହ ସରକାର ଙ୍କ ଯୋଜନା ଗୁଡ଼ିକୁ ନିଜ ନିଜ ଭିଟା ମାଟି ରେ ରହି ସଫଳ ରୂପାୟନ କରିବାକୁ ମାନସିକ ସ୍ତର ରେ ପ୍ରସ୍ତୁତ କରାଇଥିଲେ ଦାଦନ ଖଟିବାକୁ ବାହାର ରାଜ୍ୟ କୁ ନ ଯାଇ ନିଜ ଗ୍ରାମରେ ରହି ଆର୍ଥିକ ଉନ୍ନତି କରିପାରିବେ ବୋଲି କହିଥିଲେ ଶିବିର ରେ ସମ୍ମାନିତ ଅତିଥି ଭାବରେ ଖପ୍ରାଖୋଲ ରେଞ୍ଜର ଶ୍ରୀ ଗିରିଧାରୀ ନାଗ, ମିଶନ ଶକ୍ତି ବି ପି ସି ଶ୍ରୀ ଲକ୍ଷ୍ମୀକାନ୍ତ ବିଶି , ପ୍ରାଣୀଧନ ନିରୀକ୍ଷକ ଶ୍ରୀ ସୁରେଶ ସେଲମା , ଶ୍ରୀ ଗଣେଶ ପ୍ରଧାନ, ପ୍ରୋଗ୍ରାମ ଆସିଷ୍ଟା ଶ୍ରୀ ସମରେଶ ଭୋଇ ପ୍ରମୁଖ ଯୋଗ ଦେଇ ଥିଲେ ଶିବିରରେ ଗାଁ ର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା , ଗ୍ରାମବାସୀ ଉପସ୍ଥିତ ଥିଲେ

## ଷ୍ଟ୍ରେଚର ରେ ବୁହାହେଲେ ଗର୍ଭବତୀ ଅଶା ଦିଦି-ପହଁ ପାରୀଲାନି ଆମ୍ବୁଲାନ୍ସ

ତେନ୍ତୁଳିଖୁଣ୍ଟି ୦୨/୯(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଲାମତାଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ତଳଗୋଡ଼ି ଗ୍ରାମର ଭୁବନ ହରିଜନଙ୍କ ସ୍ତ୍ରୀ ପ୍ରିୟଙ୍କା ହରିଜନ ସେ ଗ୍ରାମ ରେ ଆଶା ଦିଦି ଭାବେ କାର୍ଯ୍ୟ କରୁଛନ୍ତିଆଜି ସକାଳେ ତାଙ୍କୁ ପ୍ରସବ ବେଦନା ହେବାରୁ ୧୦୨ ଆମ୍ବୁଲାନ୍ସ ଙ୍କୁ ତାଙ୍କ ସ୍ୱାମୀ ଭୁବନ ଫୋନ୍ କରିଥିଲ ତଲଗୋଡି ଗ୍ରାମକୁ ଯିବାକୁ ଭଲ ରାସ୍ତା ନ ଥିବାରୁ ଓ ଯିବା ଆଗରୁ ନାଳ ପଡୁଥିବାରୁ ଦେଢ଼ କିଲୋମିଟର ଦୂର ବୋଡଭୋଟା ଗ୍ରାମ ନିକଟ ନାଳ ପାଶରେ ଆମ୍ବୁଲାନ୍ସ ଅଟକି ରହିଥିଲାଯାହା ଫୋଲ ରେ ପରିବାର ଓ ଗ୍ରାମବାସୀ କୌଣସି ଉପାୟ ନ ପାଇ,ପ୍ରିୟଙ୍କାଙ୍କ ନିକଟରେ ଥିବା ଷ୍ଟ୍ରେଚେର ରେ ଶୁଆଇ ତାଙ୍କୁ ଆମ୍ବୁଲାନ୍ସ ନିକଟରେ ଆଣିବା ପୂର୍ବରୁ ଏକ ଶିଶୁ କନ୍ୟା ଜାତ ହୋଇଥିଲାତାଙ୍କ ସହିତ ଯାଇଥିବା କିଛି ମହିଳା ତାଙ୍କୁ ପ୍ରସବ କରାଇବାରେ ସାହାଯ୍ୟ କରିଥିଲେ ରାଜ୍ୟ ସରକାର ଗାଁ କୁ ସମ୍ମାନ ମାଁ କୁ ସମ୍ମାନ, ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି କେନ୍ଦ୍ର ସରକାରଙ୍କ ଯୋଜନା ରେ ନିର୍ମାଣ ହେଉଥିବା ପ୍ରଧାମନ୍ତ୍ରୀ ସୋଡକ ଯୋଜନା କୁ ଗ୍ରାମ ରେ ପହଁ ପାରୁ ନ ଥିବା ଗାଁ ଗୁଡ଼ିକୁ ରାଜ୍ୟ ସରକାର ଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରେ ରାସ୍ତା ନିର୍ମାଣ କରାଯାଉଛିହେଲେ ଏ ଯୋଜନା ତେନ୍ତୁଳିଖୁଣ୍ଟି ବ୍ଲକ୍ ରେ ସଂପୂର୍ଣ୍ଣ ଫେଲ୍ ମାରିଛି ଆଜିର ଘଟଣା ପରେ ବିକାଶର କଥା କହୁଥିବା ସାଢ଼େ ଚାରିକୋଟି ଜନତା ଙ୍କ ଜନନେତା ତଥା ଦେଶର ଏକ ନଂ ମୁଖ୍ୟମନ୍ତ୍ରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସି ଦାବି କରିଛନ୍ତି

# ଡ୍ରେନେଜ ନିର୍ମାଣ କାର୍ଯ୍ୟ ରେ ବଢୁଛି ବିବାଦ ତେଜୁଛି ଅସନ୍ତୋଷ

କାଳିଆପାଣି୦୨/୯(ନି.ପ୍ର): )ଗ୍ରାମାଞ୍ଚଳର ବିକାଶ ପାଇଁ ସାଧାରଣ ଜନତା ଠୁ ଆରମ୍ଭ କରି ଜନ ପ୍ରତିନିଧି ଙ୍କ ସମେତ ପ୍ରଶାସନ ଓ ସରକାର ବେଶ ତତ୍ପର ହେଉଥିବା ଦେଖିବକୁ ମିଳେ ହେଲେ ଏଠି ବାଡ଼ ଯଦି ଫସଲ ଖାଏ କହିବା କାହାକୁ କହିବା ର ତାତ୍ପର୍ଯ୍ୟ ଗାଁର ଉର୍ଣ୍ଣତି ମୂଳକ କାର୍ଯ୍ୟ ହେବା ପୂର୍ବରୁ ଗାଁ ଲୋକଙ୍କ ସହିତ ସରପ , ସମିତିସଭ୍ୟ,ୱାର୍ଡ ମେମ୍ବରଙ୍କ ସମେତ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗ୍ରାମସଭା ଦ୍ୱାରା କିଏ ନିର୍ମାଣ କରିବ ସେସବୁର ନିଷ୍ପତ୍ତି ନେଇ ସାରିବା ପରେ କାର୍ଯ୍ୟ ଆରମ୍ଭ ହେବା କଥା ହେଲେ କିନ୍ତୁ ଏହି ପଞ୍ଚାୟତର ଜଜନ ପ୍ରତିନିଧି ନିଜର କ୍ଷମତା ଜାହିର କରି ଏହି ପଞ୍ଚାୟତର ୨ନଂ ୱାର୍ଡର ବର୍ତ୍ତିକାନଗର



ମହିଳାସମିତି ଘର ଠାରୁ ସିବୁ ସୋରେନ ଘର ପର୍ଯ୍ୟନ୍ତ କଂକ୍ରିଟ ଡ୍ରେନ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଏହି ୱାର୍ଡର ୱାର୍ଡ ମେମ୍ବର ବିନୋଦ ମହାନ୍ତଙ୍କ ସହିତ ଗ୍ରାମବାସୀ ବିରୋଧ କରିଥିବାର ଦୃଶ୍ୟ ସମ୍ନା କୁ ଆସିଛି ଯାହାକି ସମସ୍ତ ଙ୍କ ଉପସ୍ଥିତି ରେ ମତାମତ ଲୋଡିବା ନିଯାନ୍ତ ଆବଶ୍ୟକ କାର୍ଯ୍ୟ ପାଇଁ ପ୍ରକୃତ ରେ ଉପଯୋଗୀ କିଏ ?ହେଲେ ଏଠି ଗ୍ରାମବାସୀ ଜାଣି ନାହାନ୍ତି କି ଏହି କାର୍ଯ୍ୟ କିଏ କରୁଛି,ଗ୍ରାମବାସୀ ୱାର୍ଡ ମେମ୍ବରଙ୍କୁ ପଚାରିବାରୁ ୱାର୍ଡ ମେମ୍ବର ମଧ ଜାଣି ନଥିବାର କହିବାରୁ ବିରୋଧ କରିଥିବାର ଅଭିଯୋଗ ହେଇଛି ଏପଟେ ଏହି ପଞ୍ଚାୟତର ୧ନଂ ୱାର୍ଡର ମନୋଜ କୁମାର ମେଲସାଣ୍ଡି ୨ନଂ ୱାର୍ଡର ୱାର୍ଡ ମେମ୍ବରଙ୍କୁ ତୋ ୱାର୍ଡ ମେମ୍ବର ହେବା ପାଇଁ ଅଯୋଗ୍ୟ କହିବା ସହିତ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିବାର ଅଭିଯୋଗ କରିଛନ୍ତି ବିନୋଦ ମହାନ୍ତ ଏହି ଅଭିଯୋଗର ମତାମତ ପାଇଁ ସରପ ବିକାଶ ପାତ୍ରଙ୍କ ମତାମତ ନିଆ । ଯାଇଥିଲା ସେ କହିଥିଲେକି ଗ୍ରାମବାସୀ ବିରୋଧ କରିନଥିଲେ କେବଳ ୱାର୍ଡ ମେମ୍ବର ବିରୋଧ କରିଥିଲେ ମନୋଜ କୁମାର ମେଲସାଣ୍ଡି ଧମକ ଦେବା କଥା କୁ ନେଇ ମତାମତ ପାଇଁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲୁ ସେ କହିଥିଲେକି ତୋ ୱାର୍ଡ ମେମ୍ବର ହୋଇଛୁ ୱାର୍ଡ ମେମ୍ବର ପରିକା କଥା ବାର୍ତ୍ତା କରିବୁ ଆମ ଗାଁ ସାହି କୁ ଆସିକି ଆମକୁ କାହିଁକି ଧମକାଇବୁ ତାକୁ ମୋ ପାଖକୁ ପଠାଇବ ତ ବୋଲି ମତ ରଖିଥିଲେ ଏହାକୁ ନେଇ ପ୍ରକୃତ ଘଟଣା କୁ ଡିଁ କରି ସ୍ଥାନୀୟ ବାସିନ୍ଦା ସମସ୍ୟା ର ବିଚାରଧୀନ କରିବାକୁ ଆବଶ୍ୟକ ଲୋଡିଥିଲେ ସମସ୍ୟାର ସମାଧାନ ର ଯଦି ବାଟ ନ ଫିଟେ ତେବେ ଆଇନ ର ଆଶ୍ରୟ ନେବା କଥା କହିଥିଲେ ସ୍ଥାନୀୟ ୱାର୍ଡ ମେମ୍ବର

## ନିଖିଳ ଓଡିଶା କୈବର୍ତ ମହାସଭାର ରାଜ୍ୟ ସାଧାରଣ ସଂପାଦକ ହେଲେ ତାଳଚେରର ସୁଧୀର ଖଣ୍ଡା

ତାଳଚେର:-ନିଖିଳ ଓଡିଶା କୈବର୍ତ ମହାସଭାର ରାଜ୍ୟ ସାଧାରଣ ସଂପାଦକ ଭାବେ ମନୋନୀତ ହେଲେ ତାଳଚେର ଡେରା ଅଂଚଳର ସୁଧୀର ଖଣ୍ଡା । ବରଗଡ ଠାରେ ଆୟୋଜିତ ୫ମ ସାଧାରଣ ଅଧିବେଶନରେ ଶ୍ରୀ ଖଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଆଗାମୀ ୫ ବର୍ଷ ପାଇଁ ରାଜ୍ୟର କୈବର୍ତ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । ଶ୍ରୀ ଖଣ୍ଡା ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ କୈବର୍ତ ମହାସଭାର ବିଭିନ୍ନ ପଦପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସିଛନ୍ତି । ଶ୍ରୀ ଖଣ୍ଡା ଜଣେ ଦଳିତ ନେତା ତଥା ସମାଜସେବୀ ଭାବରେ ଓଡିଶାର ବିଭିନ୍ନ ଅଂଚଳରେ ପରିଚିତ ଅଛନ୍ତି । ଶ୍ରୀ ଖଣ୍ଡାଙ୍କୁ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ପଦବୀ ମିଳିଥିବାରୁ ବହୁ ସମର୍ଥକ ଓ ଶୁଭେଚ୍ଛୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ -୨୦୨୨ ଅନୁଷ୍ଠିତ

## ‘ସୁନେତ୍ର, ଖାଦ୍ୟ ନିରାପତ୍ତା, ଜାତୀୟ ଟୋବାକୋ ନିୟନ୍ତ୍ରଣ, ମ୍ୟାଲେରିଆ ଏବଂ ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା’

ରାୟଗଡ – ତା ୦୨/୦୯(ନି.ପ୍ର) ରାୟଗଡ ଜିଲ୍ଲାପାଳ ଶ୍ରୀମତି ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ - ୨୦୨୨ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଲାଲମୋହନ ରାଉତରାୟ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଶ୍ରୀ ରାମ ପ୍ରସାଦ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅଶୋକ କୁମାର ଶତପଥି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତି ଯାଜ୍ଞସେନୀ ବେହେରା ଆଦି ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଲାଲମୋହନ ରାଉତରାୟ ସ୍ୱାଗତ ସମ୍ଭାଷଣା ପ୍ରଦାନ କରିଥିଲେ । ଏହି ବୈଠକରେ ସୁନେତ୍ର, ଖାଦ୍ୟ ନିରାପତ୍ତା, ଜାତୀୟ ଟୋବାକୋ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମ୍ୟାଲେରିଆ ଏବଂ ଡେଙ୍ଗୁ ନିୟନ୍ତ୍ରଣ ବିଷୟରେ ଆଲୋଚନା କରିଥିଲା । ବୈଠକ ଆରମ୍ଭରେ ସୁନେତ୍ର ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଏହି ଯୋଜନାରେ ଜିଲ୍ଲାର ପ୍ରାୟ ୧୮୪୬ ସରକାରୀ ତଥା ସରକାରୀ ସ୍ୱୀକୃତୀ ପ୍ରାପ୍ତ ବିଦ୍ୟାଳୟର ପ୍ରାୟ ୧,୫୫,୪୦୨ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯିବ । ଚକ୍ଷୁ ପରୀକ୍ଷା ପ୍ରଥମେ ସ୍କୁଲ ସ୍ତରରେ କରାଯିବ, ସୁବିଧା ପାଇ ନ ଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ବ୍ଲକ ସ୍ତରରେ କ୍ୟାମ୍ପ ଆୟୋଜନ କରାଯାଇ ଚକ୍ଷୁ ପରୀକ୍ଷା କରାଯିବ। ଚକ୍ଷୁ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ଥଳେ ଚଷମା ମଧ୍ୟ ପ୍ରଦାନ କରାଯିବ ବୋଲି ଏହି ବୈଠକରେ ଆଲୋଚନା କରାଯାଇଥିଲା । ଖାଦ୍ୟ ନିରାପତ୍ତା ଉପରେ ଆଲୋଚନା କରାଯିବା ସମୟରେ ଜିଲ୍ଲାପାଳ ଖାଦ୍ୟରେ ବ୍ୟଭିଚାର କରୁଥିବା ବିକ୍ରେତାଙ୍କ ଉପରେ ଜରିମାନା ଦେବା ପାଇଁ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ଜରିମାନା ବୃଦ୍ଧି କରିବା ପାଇଁ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁମାନେ ଜରିମାନା ପୈଠ କରିବେ ନାହିଁ ସେମାନଙ୍କ ଉପରେ କଠୋର ଏବଂ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ନିର୍ଦ୍ଦେଶାନାମା ଖୁବଶିଘ୍ର ଜାରି କରାଯିବ । ସେହିପରିଭାବେ ବେଆଇନ ଟୋବାକୋ ଚାଲାଣ ରୋକିବା ନିମନ୍ତେ ଜିଲ୍ଲାପାଳ ଜୋର ଦେଇଥିଲେ । ବେଆଇନ୍ ଟୋବାକୋ ଡିଲର ଏବଂ ବିତରକ ଙ୍କୁ ଠାବ କରିବା ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଖାଦ୍ୟ ନିରାପତ୍ତା ଅଧିକାରୀ, ଡ୍ରଗ ଇନସେପକ୍ଟର ଏବଂ ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପରିକି ବେଆଇନ ଟୋବାକୋ ଦ୍ରବ୍ୟ ଜବତ ହେବା ପରେ ତୁରନ୍ତ ଭାବେ ଖାଦ୍ୟ ନିରାପତ୍ତା ଅଧିକାରୀ ଏବଂ ଡ୍ରଗ ଇନସେପକ୍ଟର ପ୍ରାଥମିକ ତଦନ୍ତ ଅଧାରରେ ଏହାକୁ ଅନୁମୋଦନ ଦେବେ ବୋଲି ଏହି ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣରେ ଆଣିବା ପାଇଁ ଅଧିକ ଔଷଧଯୁକ୍ତ ମଶାରୀର ଆବଶ୍ୟକତା ରହିଛି ବୋଲି ଆଲୋଚନା ହେବା ପରେ ଆଶାକର୍ମୀମାନେ ଘର ଘର ବୁଲି କେତେ ପରିମାଣରେ ଔଷଧଯୁକ୍ତ ମଶାରୀର ଆବଶ୍ୟକତା ରହିଛି ତାର ଏକ ସର୍ବେକ୍ଷଣ କରି ଏହାର ତଥ୍ୟ ସଂଗ୍ରହ କରିବାକୁ ଏହି ବୈଠକରେ କୁହାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଭି ଏଲ୍ ଏନ୍ ରାଜୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡା ବି ଏଲ୍ ଏନ୍ ପୃଷ୍ଟି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା ମମତା ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା ମମତା ଚୌଧୁରୀ, ସ୍ୱାସ୍ଥ୍ୟ ଅଧିକାରୀ, ଅନ୍ୟାନ୍ୟ ସରକାରୀ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିସନର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ଜେ ରାଜେଶ୍ୱର ରାଓ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଆଜିର ବୈଠକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



## ଖଣ୍ଡାରେ ଆକ୍ରମଣ କରି ଦିଅର, ଭାଉଜ ଗିରଫ : ଖଣ୍ଡା, ବୁଲେଟ୍ ଜବତ



ଭୁବନେଶ୍ୱର,(ନି.ପ୍ର): ବସ୍ତି ବାସିନ୍ଦାଙ୍କୁ ହତ୍ୟା ଧମକ ଦେବା ସହ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଦିଅର, ଭାଉଜଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଗିରଫ ଦିଅର, ଭାଉଜ ହେଲେ ସାଇ ବନଫୁଲ ବସ୍ତିରେ ରହୁଥିବା ପୁରୀ ଜିଲ୍ଲା କଣାସର ଦିଅର ବାପି ନାୟକ ଓ ଭାଉଜ ସାନୁ ଓରଫ୍ ରେଶ୍ମା ନାୟକ(୨୫) । ସେମାନଙ୍କଠାରୁ ପୋଲିସ ଗୋଟେ ବୁଲେଟ୍ ଓ ଗୋଟେ ଖଣ୍ଡା ଜବତ କରିଛି । ଏ ନେଇ ଗତ ୩୧ ତାରିଖରେ ଉକ୍ତ ବସ୍ତିର ଏସ୍.ଅରୁଣ ଅଭିଯୋଗ କରିଥିଲେ । ସୂଚନାନୁସାରେ, ଗତ ୩୧ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅରୁଣ ନିଜ ଘରେ ଥିବା ବେଳେ ହୋ,ହାଲା ଶୁଣି ବାହାରକୁ ଆସି ଦେଖିବା ପରେ ଅଭିଯୁକ୍ତ ରେଶମୀ, ତାଙ୍କ ସ୍ୱାମୀ ସନ୍ତୁ ଓରଫ୍ ସନ୍ତୋଷ ନାୟକ, ଦିଅର ବାପି ଏବଂ ନାରାୟଣ ତାଙ୍କ ବସ୍ତିର ୨ ଜଣ ମହିଳାଙ୍କ ସହିତ ଝଗଡା କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି । ଏହା ଦେଖି ସେ ଅଭିଯୁକ୍ତମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ସନ୍ତୁ ତାଙ୍କୁ ଜୀବନରୁ ମାରିଦେବାର ଉଦ୍ଦେଶ୍ୟ ନେଇ ଖଣ୍ଡାରେ ଆକ୍ରମଣ କରିଥିଲେ । ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ଖଣ୍ଡାଟି ତାଙ୍କର ହାତ ପାପୁଲିରେ ବାଜି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା । ନିକଟରେ ଥିବା ଲୋକମାନେ ଅରୁଣଙ୍କୁ ଅଭିଯୁକ୍ତମାନଙ୍କ କବଳରୁ ସୁରକ୍ଷା ଦେଇଥିବାରୁ ଅଭିଯୁକ୍ତମାନେ ବସ୍ତିରେ ଥିବା ସମସ୍ତ ଲୋକମାନଙ୍କୁ ଧମକ ଦେଇଥିଲେ ଏବଂ ଏ ନେଇ ଥାନାରେ କୌଣସି ମାମଲା ରୁଜୁ କରିଲେ ପରିଣାମ ଭୟଙ୍କର ହେବ ବୋଲି ମଧ୍ୟ କହିଥିଲେ । ଅଭିଯୁକ୍ତମାନେ ପୁନର୍ବାର ଅରୁଣଙ୍କ ଘରକୁ ବାଇକ୍‌ରେ ଆସି ଖଣ୍ଡା ଦେଖାଇ ଧମକ ଦେଇଥିବାରୁ ଏ ନେଇ ସେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲାର ତଦନ୍ତକରି ଅଭିଯୁକ୍ତମାନଙ୍କୁ କାବୁ କରି ଅଭିଯୁକ୍ତ ବାପି ହେପାଜତରୁ ଗୋଟିଏ ବୁଲେଟ ଏବଂ ଅଭିଯୁକ୍ତ ସନ୍ତୁ ନିକଟରୁ ଅପରାଧରେ ବ୍ୟବହୃତ ଗୋଟିଏ ଖଣ୍ଡା ଜବତ କରି ତଦନ୍ତ ପାଇଁ ଥାନାକୁ ଆଣିଥିଲେ । ତଦନ୍ତ ପରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## କୁଟକୁ ସ୍ମାର୍ଟ ସଲ୍ୟୁସନ୍‌ଚ୍ୟାଲେଞ୍ଜ ଆଣ୍ଡ୍ ଇନକ୍ଲୁସିଭ୍ ସିଟିଜ୍ ଆୱାର୍ଡ୍-୨୦୨୨

ଭୁବନେଶ୍ୱର,(ନି.ପ୍ର): ରାଜ୍ୟରେ ସହରାଞ୍ଚଳ ପରିବହନ ଦିଗରେ କୁଟ୍‌ର ଉଲ୍ଲେଖନୀୟ ପଦକ୍ଷେପ ଏବଂ ସାଧାରଣ ଯାତ୍ରୀମାନଙ୍କ ବ୍ୟବହାରରେ ଆସିପାରୁଥିବା ଉନ୍ନତ ମୋ ବସ୍ ସୁବିଧା ଯୋଗୁଁ କ୍ରମାଗତ ଭାବେ କୁଟ୍‌କୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଆସୁଛି । ସେପରି ଜନସାଧାରଣଙ୍କ ସହଜ ଯାତାୟାତ ଏବଂ ବଜାରର ଚାହିଦା ଅନୁଯାୟୀ କୁଟ୍ ମୋ ବସ୍ ସେବାରେ ଅଭିନବ ଓ ନିରାପଦ ଯାତ୍ରାର ଅନୁଭୂତି ଦେବା ଦିଗରେ କାର୍ଯକାରୀ କରିଥିବା ଉନ୍ନତ ପଦକ୍ଷେପ ଯୋଗୁଁ ୧ ତାରିଖ ଦିନ ନୂଆଦିଲ୍ଲୀଠାରେ କୁଟ୍ ଜେନେରାଲ୍ ମ୍ୟାନେଜର୍ ଶ୍ରୀମତୀ ଦିପ୍ତୀମହାପାତ୍ର ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀଙ୍କଠାରୁ ସ୍ମାର୍ଟ ସଲ୍ୟୁସନ୍‌ଚ୍ୟାଲେଞ୍ଜ ଆଣ୍ଡଇନ କ୍ଲୁସିଭ୍‌ସିଟିଜ୍ ଆୱାର୍ଡ୍-୨୦୨୨ ସମ୍ମାନ ଗ୍ରହଣ କରିଛନ୍ତି । କୁଟ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ମୋ ବସ୍‌ସେବା ଦ୍ୱାରା ସାଧାରଣ ଜନତାଙ୍କ ବିଶ୍ୱାସଭାଜନ କରିପାରିଛି । ଯାହାଦ୍ୱାରା ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଯାନବାହନ ବ୍ୟବହାର କରିବା ପରିବର୍ତ୍ତେ ସରକାରୀ ମୋବସ୍‌ରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରୁଛନ୍ତି । କୁଟ୍‌ହେଉଛି ଏକମାତ୍ର ସହରାଞ୍ଚଳ ପରିବହନ ସେବା ପ୍ରଦାନକାରୀ ସଂସ୍ଥା ଯାହାକି ବରିଷ୍ଠ ନାଗରିକ ଯାତ୍ରୀ ମାନଙ୍କ ପାଇଁ ସଂରକ୍ଷିତ ସିଟ୍‌ସହିତ ଟିକେଟ୍ ମୂଲ୍ୟରେ ୫୦% ରିହାତି ଦେଉଛି । ମୋବସ୍‌ରେ ମହିଳାମାନଙ୍କ ପାଇଁ ସିଟ୍‌ସଂରକ୍ଷଣ ଏବଂ ଭିନ୍ନକ୍ଷମ ଯାତ୍ରୀଙ୍କ ଟିକେଟ୍ ମୂଲ୍ୟରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ରହିଛି । ସେପରି, ଓଡ଼ିଶାରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ଯାନ ନୀତିକୁ ତୁରନ୍ତ କାର୍ଯ୍ୟକାରୀ କରି ଧ୍ୱନି ଏବଂ ବାୟୁ ପ୍ରଦୂଷଣ ବିହୀନ ଇ. ବସ୍‌ଏବଂ ଇ. ରିକ୍ସା ଆରମ୍ଭ କରିଛି । ରାଜ୍ୟ ସରକାରଙ୍କ ଅଦମ୍ୟ ସମର୍ଥନ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇ ଏହି ଅବସରରେ କୁଟ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି ଯେ, ‘ମୋବସ୍‌କୁ ଦୈନନ୍ଦିନ ବ୍ୟବହାର କରୁଥିବା ସାଧାରଣ ଜନତାଙ୍କ ପାଇଁ ଏହି ଜାତୀୟମାନ୍ୟତା ମିଳିବା ସମ୍ଭବ ହୋଇଛି । କୁଟ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ମୋବସ୍ ସେବା ଲିଙ୍ଗ, ବୟସ ଏବଂ ଦକ୍ଷତା ଅନୁଯାୟୀ ପ୍ରତିଟି ବର୍ଗର ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନ ସମୟରେ ବ୍ୟକ୍ତିଗତ ଯାନର କମ୍ ବ୍ୟବହାର କରି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜନ ପରିବହନକୁ ବ୍ୟବହାର କଲେ ଟ୍ରାଫିକ୍ ସମସ୍ୟାରେ ନିୟମିତ ସୁଧାର ଆସିପାରିବ । କୁଟ୍ ଜେନେରାଲ୍ ମ୍ୟାନେଜର୍ ଦିପ୍ତୀ ମହାପାତ୍ର ନିଜର ଖୁସିବ୍ୟକ୍ତ କରି କହିଛନ୍ତି ଯେ,‘କୁଟ୍ ସର୍ବଦା ଯାତ୍ରୀମାନଙ୍କୁ ଏକ ଉତ୍ତମ ଓ ସୁରକ୍ଷିତ ଯାତ୍ରାର ଅନୁଭୂତି ଦେବାରେ କାର୍ଯ୍ୟରତ । ଏହି ସମ୍ମାନ ଜନକ ଜାତିସଂଘ ପୁରସ୍କାର ଗ୍ରହଣ କରିବା ସାରା ରାଜ୍ୟ ପାଇଁ ଏକ ଗର୍ବର ବିଷୟ । ବର୍ତ୍ତମାନ ମୋବସ୍ ସେବା ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ସହିତ ଯୋଡ଼ି ହୋଇପାରିଛି । ସହରାଞ୍ଚଳ ପରିବହନ କ୍ଷେତ୍ରରେ ମୋବସ୍ ସେବା ବିଶେଷ ପ୍ରଭାବିର ସେସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିଛି । ମୋବସ୍ ଉପରେ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ଥିବାରୁ ଆମେ ରାଜ୍ୟ ସରକାର ଓ ପ୍ରତ୍ୟେକ ଯାତ୍ରୀମାନଙ୍କ ପାଖରେ କୃତଜ୍ଞ । ସର୍ବଦା ଉତ୍ତମସେବା ଯୋଗାଇ ଦେବା ପାଇଁ ଅନବରତ କାର୍ଯ୍ୟକରୁଥିବା କୁଟ୍‌ର ପ୍ରତ୍ୟେକ କର୍ମଚାରୀଙ୍କ ପରିଶ୍ରମ ଏବଂ ନିଷ୍ଠା ଯୋଗୁଁ ଏହା ସଫଳ ହୋଇପାରିଛି ।




## ବିଏସଏଫ-୯୯ ବାଟାଲିୟନ ଦ୍ୱାରା ଏକ ସଚେତନତା ଶିବିର ଅନୁଷ୍ଠିତ



ବନ୍ଧୁଗାଁ, (ନି.ପ୍ର) ବନ୍ଧୁଗାଁ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ଦଣ୍ଡାବାଡି ସେବା ଆଶ୍ରମ ଠାରେ ବିଏସଏଫ-୯୯ ବାଟାଲିୟନ ଦ୍ୱାରା ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବନ୍ଧୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଦଣ୍ଡାବାଡି ସେବାଶ୍ରମ ପ୍ରଧାନ ଶିକ୍ଷକ ପାତ୍ରି ପ୍ରସାଦ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଏସଏଫ କମାଣ୍ଡର ସୁବ୍ରତ ଦାଶ ନକ୍ସଲ ଅଞ୍ଚଳରେ ବିଏସଏଫର ଭୂମିକା, ଦେଶର ଜାତୀୟ ସୁରକ୍ଷାରେ ଛାତ୍ର ଛାତ୍ରୀମାନଙ୍କ ଅବଦାନ ସମେତ, କିପରି ଆର୍ମିଡ ଫୋର୍ସରେ ଯୋଗଦେଇ ଦେଶର ସୁରକ୍ଷା କରିବା, ସମେତ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ କ୍ଷ ଛାତ୍ର ଛାତ୍ରୀମାନେ କେମିତି ଦେଶର ଭବିଷ୍ୟତର ଡୋରି ସୁଦୃଢ କରି ମୁଖ୍ୟ ଧାରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଲାଗି ମୂଳ ମନ୍ତ୍ର ଦେବା ସହ ସମସ୍ତଙ୍କୁ ସୁସ୍ଥ ରହିବାରର ଜ୍ଞାନକୌଶଳ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଭାରତ ମାତାକି ଜୟ କହିବା ସହ ବିଏସଏଫର ଏପରି କାମକୁ ସ୍ୱାଗତ କରିଥିଲେ । ବିଏସଏଫର ଏପରି କାର୍ଯ୍ୟକ୍ରମକୁ ପଞ୍ଚାୟତର ଲୋକେ ପ୍ରଶଂସା କରିବା ସହ ଆଧୁନିକ ଭାରତ ନିର୍ମାଣରେ ସହାୟକ ହେବେ ବୋଲି ସହମତି ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଏସଏଫ କ୍ୟାମ୍ପର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୁମ୍ଭାରିପୁଟ ବିଏସଏଫ କମାଣ୍ଡର ସି ନବିନ ରାଣା ଏବଂ ଇନିସ୍ପେକଟର ରାମ ପାଲ ଯୋଗଦେଇଥିଲେ ।

## ଭିଜିଲାନ୍ସ ଜାଲରେ ବେଗୁନିଆପଡା ବ୍ଲକ କନିଷ୍ଠ ଯନ୍ତ୍ରୀ

ଗଞ୍ଜାମ, ୨ ସେପ୍ଟେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଅଂଚଳରେ ଏକ ମାସ ମଧ୍ୟରେ ଦୁଇ ଦୁଇ ଥର ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି । କିଛିଦିନ ପୂର୍ବେ ଜଣେ ରାଜସ୍ୱ ନିରୀକ୍ଷକ ଲାଂଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କାରିବାରେ ସଫଳ ହୋଇଥିବା ବେଳେ ଆଜି ପୁଣି ଥରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବେଗୁନିଆପଡା ବ୍ଲକର କନିଷ୍ଠ ଯନ୍ତ୍ରୀ ସୁଧାଂଶୁ କୁମାର ମଲ୍ଲିକ । ସେ ନିଜ କାର୍ଯ୍ୟାଳୟରେ ବୁରୁଝରୀ ପଚାଂୟତ ପି. ନୂଆଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ଆଦର୍ଶ ଗାଇଗୁହାଳ ବାବଦକୁ ସାତ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ।

## ରାୟଗଡା ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ନୂଆଖାଇ ପର୍ବ ୨୦୨୨ ପାଳିତ



ରାୟଗଡ଼:- ତା ୨/୦୯(ନି.ପ୍ର) ରାୟଗଡ଼ ଜିଲ୍ଲା ସ୍ତରୀୟ ନୂଆଖାଇ ପରବ-୨୨ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶକ୍ଷସନ ଓ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀମତି ସ୍ୱଧାଦେବ ସିଂ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା,ରାୟଗଡା ପୌର ଅଧକ୍ଷ ପି.ମହେଶ ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଶସ୍ମିତା ବାଉରୀ, ମୁଖ୍ୟ ବକ୍ତା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । କୃଷିଭିତ୍ତିକ ପର୍ବ ନୂଆଖାଇ ଏକ ଭାଇଚାରାର ପର୍ବ । ଚାଷି ଭାଇମାନେ ନିଜ ଅମଳ ଫସଲକୁ ନବାନ୍ନ ଭାବେ ଇଷ୍ଟଦେବୀଙ୍କୁ ଅର୍ପଣ କରି ନୂଆ ଅନ୍ନପ୍ରସାଦ ଭକ୍ଷଣ କରୁଥିବା ବେଳେ ଏହା କେବଳ ପଶ୍ଚିମ ଓଡିଶାରେ ପୂର୍ବେ ଧୁମଧାମରେ ପାଳନ ହେଉଥିଲା । ଛୋଟମାନେ ବଡମାନଙ୍କୁ ନମସ୍କାର ସହ ସମ୍ମାନ ଜଣାଇ ନିଜ ସଂପର୍କ ଡୋରିକୁ ଆହୁରି ମଜବୁତ କରନ୍ତି । ବର୍ତ୍ତମାନ ସମଗ୍ର ରାଜ୍ୟରେ ଏହି କୃଷିଭିତିକ ନୂଆଖାଇ ପର୍ବକୁ ପାଳନ କରାଯାଉଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ପରେ ବିଭିନ୍ନ ଅନୁଷ୍ଠାନଗୁଡିକ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍ଥାନୀୟ ସ୍ୱରସାଗର ଓଡ଼ିଶୀ ନୃତ୍ୟ,ମା କାଳିକ୍ଷଣୁଣୀ ଢେମସା ନୃତ୍ୟ ଢେମସା ଓ ସମ୍ବଲପୁରୀ ନୃତ୍ୟ,କାଶୀପୁର ଢେମସା ନୃତ୍ୟ ଦଳ, କଲ୍ୟାଣସିଂପୁର ଲୋକନୃତ୍ୟ ଦଳର କଳାକାରମାନେ ଚିତାକର୍ଷକ ଲୋକନୃତ୍ୟ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ପ୍ରଦୀପ ମାଲବିଷୋୟୀ, କାହ୍ନୁଚରଣ ପ୍ରଧାନ, ଅଜିତ ପଣ୍ଡା, ଗୁପ୍ତା ଗାରିକ ମାରିଆ କିରୋ, ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟର ବଡ଼ବାବୁ ରାମଚନ୍ଦ୍ର ପାତ୍ର, ପ୍ରକ୍ଷେପକ ପୀତବାସ ବିଶ୍ୱାଳ, ସଂଚାଳକ ସାମ୍ରାଟ ସାହୁ,ରାଜେନ୍ଦ୍ର ଦୋରା ପ୍ରମୁଖ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ୩୦ ଜଣ ଛାତ୍ର ଛାତ୍ରୀ ଓ ୨୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ୱାଘା ସୀମା ଭ୍ରମଣର ସୁଯୋଗ ଦେବ ବିଏସ୍‌ଏଫ୍

ରାୟଗଡ, ତା-୦୨-୦୯(ନି.ପ୍ର) ରିଖ ଶୁକ୍ରବାର ଦିନ ସୀମା ସୁରକ୍ଷା ବାହିନୀ ଦ୍ୱାରା ଜୁପିଟର ଆନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସୀମା ସୁରକ୍ଷା ବାହିନୀର ବିଭିନ୍ନ ଅସ୍ତ୍ରଶସ୍ତ୍ର ଓ ଉପକରଣ ପ୍ରଦର୍ଶିତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଏହିସବୁ ଉପକରଣକୁ ଭଲ ଭାବରେ ନିରୀକ୍ଷଣ କରିବା ସହ ହାତରେ ଧରି ଏହାର ବ୍ୟବହାର କିପରି କରାଯାଏ ତାହା ପଚାରି ବୁଝିଥିଲେ । ଏହି ଉପକରଣ ମାନଙ୍କ ମଧ୍ୟରେ ଇକ ୪୭ ରାଇଫଲ, ୯ଗଗ ପିସ୍ତଲ ଝଗଏ , ହାଲକା ହେଲିକେପ୍ଟରରେ ବ୍ୟବହୃତ ହେଲମେଟ, ତାପ ରହିତ ହାତ ଗ୍ଲୋବ, ପାହାଡ଼ରେ ଚଢିବା ଓ ଓହ୍ଲାଇବା ପାଇଁ ବ୍ୟବହୃତ ଦଉଡି ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ନବମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସୀମା ସୁରକ୍ଷା ବିଷୟରେ ତଥା ଆଦିବାସୀ ଅଧ୍ୟୁଷିତ ଗ୍ରାମ ମାନଙ୍କରେ କରାଯାଉଥିବା ସାମାଜିକ ଅଭିଯାନ ବିଷୟର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ବିଶିଷ୍ଟ ଶିକ୍ଷାବିତ ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନ ତଥା ମା ସରସ୍ୱତୀଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରାରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସୀମା ସୁରକ୍ଷା ବାହିନୀ ୯୯ ବଟାଲିଅନ ର ୨ଣଉ ଶ୍ରୀ ରବିକାନ୍ତ, ୨ଣଉ ଆଜିତ ପାଳ ସିଂ ଭିରକ ଉଉ ଶ୍ରୀ ଉମେଶ ସିଂ ରାଠୋର, ଉଉ ଗୋପାଳ ସିଂ ଉଉ ଭରତସିଂ ପାଲ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପ୍ରେରଣା ର ଉତ୍ସ ସାଜିଥିଲେ । ଏହି ଅବସରରେ ଶ୍ରୀ ରବିକାନ୍ତ ଭାରତର ୱାଘା ସୀମାରେଖା ଦେଖିବାକୁ ଇଛା ପ୍ରକାଶ କରୁଥିବା ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମସ୍ତ ପ୍ରକାର ସହଯୋହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପଣ୍ଡା ଗୁରୁଜନ ମାନଙ୍କ କଥା ଶୁଣି, ବାପା ମାଆଙ୍କୁ ସମ୍ମାନ ଦେଇ ପାଠ ପଢିଲେ ଦେଶ ସେବାରେ ନିଜକୁ ନିୟୋଜିତ କରିପାରିବା ବୋଲି ମତ ଦେଇଥିଲେ ।ଉକ୍ତ ଅବସରରେ ୩୦ ଜଣ ଛାତ୍ର ଛାତ୍ରୀ ଓ ୨୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ୱାଘା ସୀମା ଭ୍ରମଣର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ବିଦ୍ୟାର୍ଥୀ ମାନଙ୍କ ପାଇଁ ଏକ ପ୍ରେରଣା ର ଉତ୍ସ ତଥା ଜୀବନରେ ସମୟାନୁବର୍ତ୍ତିତା ର ଏକ ଉଦାହରଣ ବୋଲି ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗୋବିନ୍ଦ ପ୍ରସାଦ ରଥ ମତ ଦେଇଛନ୍ତି ।

## ମାଛ ଜାଲରେ ଲାଗିଲା ଅଜଣା ନାବାଳିକାର ମୃତ ଦେହ !



ବାଲିଆପାଳ ୨/୯/୨୨ (ନି.ପ୍ର)ମାଛ ଧରୁ ଧରୁ ଜାଲରେ ଲାଗିଲା ଅଜଣା ନାବାଳିକାର ମୃତ ଦେହ ! ପୋଲିସ ତଦନ୍ତ ଜାରୀ, ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବଡ଼ ତାଳପଦା ଗ୍ରାମରେ ଥିବା ପାଣି ଖାଳରେ ଆଜି ସକାଳ ସମୟରେ ଗ୍ରାମର ବୁଲୁ ଦଳାଇ ନାମକ ଏକ ବ୍ୟକ୍ତି ମାଛ ଧରିବା ପାଇଁ ଜାଲ ଦେଇଥିଲା ବେଳେ ଜାଲରେ ଏକ ଅଜଣା ନାବାଳିକାର ମୃତ ଶରୀର ଲାଗିଥିବା ଦେଖିବାକୁ ପାଇଥିଲେ । ବୁଲୁ ଏକଥା ସଂଗେ ସଂଗେ ଗ୍ରାମ ବାସୀଙ୍କୁ ଜଣାଇ ଥିଲେ । ଗ୍ରାମବାସୀ ସଂଗେ ସଙ୍ଗେ ବାଲିଆପାଳ ଥାନାକୁ ଜଣାଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ତଦନ୍ତ ଜାରୀ ରଖିଥିଲା ବେଳେ । ନାବାଳିକାଟିକୁ ହତ୍ୟାକରି କେହି ଫିଙ୍ଗି ଦେଇଛି ନା ଆଉ କଣ ତଦନ୍ତ ପରେ ଫିଟିବ ଗୁମର ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା